Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈଜ୍ଞାନିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 22 + Issue No:56 + 18 June 2026 (Thursday) + Rourkela + Rs.2.00 + Page -1 + ୨୨ ବର୍ଷ + ସଂଖ୍ୟା:୫୬ + ୧୮ ଜୁନ୍ ୨୦୨୬ (ଗୁରୁବାର) + ରାଉରକେଲା + ମୂଲ୍ୟ:ଟ.୨.୦୦ + ପୃଷ୍ଠା-୬

ଓଡ଼ିଶା ଆସିବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

ଜୁନ୍ ୨୦ରେ ରହିଛି ମିଳିତ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୭/୬(ନି/ପ୍ର): ଆସୁଛନ୍ତି ରାଷ୍ଟ୍ରପତି , ଗାଁକୁ ଯାଇ ଲୋକଙ୍କ ସହ ମିଶିବେ । କିନ୍ତୁ ଏଥରକ ରାଷ୍ଟ୍ରପତିଙ୍କ ଗସ୍ତ ଟିକେ ନିଆରା, ଟିକେ ଭିନ୍ନ । କାରଣ ଏଥରକ ରାଷ୍ଟ୍ରପତିଙ୍କ ସହ ଆସୁଛନ୍ତି ପ୍ରଧାନମନ୍ତ୍ରୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥରକ ବୁଲିବେ ରାଷ୍ଟ୍ରପତିଙ୍କ ଗାଁ । ଲୋକଙ୍କ ସହ ଅତି ପାଖରୁ ମିଶିବେ । ଜାଣିବେ ରାଷ୍ଟ୍ରପତିଙ୍କ ଗାଁର ଚଳଣି, ରହଣି । ଆଉ ବୁଲିବେ ପୂରା ଗାଁ । ସେଥିପାଇଁ ଚଳଚଂଚଳ ହୋଇପଡ଼ିଛି ରାଷ୍ଟ୍ରପତିଙ୍କ ଗାଁ ରାଇରଙ୍ଗପୁର । ମୟୂରଭଞ୍ଜ ମାଟି ପାଇଁ ଆସନ୍ତା ୨୦ ତାରିଖ ଏକ ଐତିହାସିକ ଦିନ ହେବାକୁ ଯାଉଛି । ଏହି ଦିନ ଦେଶର ଦୁଇ ଶୀର୍ଷ ମୁଖ୍ୟ ତଥା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକାଠି ରାଇରଙ୍ଗପୁରର ଦାଣ୍ଡବୋଷଠାରେ ଗୋଟିଏ ମଂଚରେ ଉପସ୍ଥିତ ରହିବେ । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଥିବା ବେଳେ ସମଗ୍ର ମୟୂରଭଞ୍ଜ ବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ । ପ୍ରଧାନମନ୍ତ୍ରୀ ଚାରୋଟି ସ୍ଥାନ ପରିଦର୍ଶନ କରିବେ । ରାଷ୍ଟ୍ରପତିଙ୍କ ସ୍ୱର୍ଗତ ସ୍ୱାମୀ ଶ୍ୟାମଚରଣ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ । ସ୍ଥାନୀୟ କୋହ୍ଲ ସମ୍ପ୍ରଦାୟର ପୂଜାସ୍ଥଳୀ 'ଜାହିରା' ପରିଦର୍ଶନ । ସାନ୍ତାଳ ସମ୍ପ୍ରଦାୟର ଅନ୍ୟ ଏକ 'ଜାହିରା' ପରିଦର୍ଶନ ଓ ସେଠାରେ ପ୍ରଣାମ ଜଣାଇବେ ଏବଂ ଗ୍ରାମ ମଝିରେ ଥିବା ପୂଜାସ୍ଥଳ 'ଗୋସାଣି'କୁ ପରିଦର୍ଶନ କରିବେ । ଏହା ବ୍ୟତୀତ ପାହାଡପୁର ଠାରେ ଅବସ୍ଥିତ ସ୍କିଲ୍ ଡେଭେଲପମେଣ୍ଟ ସେଂଟରରେ ତାଲିମ ପ୍ରାପ୍ତ କରି ବାହାରେ ଚାକିରି କରୁଥିବା ଶିକ୍ଷାର୍ଥୀମାନଙ୍କ ସହ ଏବଂ ଏସ୍.ଏଲ୍.ଏସ୍. ଟ୍ରଷ୍ଟ ସ୍କୁଲ ପରିସରରେ ଆୟୋଜିତ ସ୍ଥାନୀୟ ଉତ୍ପାଦ ପ୍ରଦର୍ଶନୀ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ । ଏହି ଅବସରରେ ମୟୂରଭଞ୍ଜ ସମେତ ସମଗ୍ର ଓଡ଼ିଶାର ବିକାଶ ପାଇଁ କୋଟି କୋଟି ଟଙ୍କାର ବହୁ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି । ଏହି ସମାବେଶରେ ରାଜ୍ୟର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କ ସମେତ ସମସ୍ତ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଉପସ୍ଥିତ ରହିବେ । ପ୍ରଧାନମନ୍ତ୍ରୀଙ୍କ କରକମଳରେ ଉଦ୍‌ଘାଟିତ ହେବ ଚାରି ପ୍ରକଳ୍ପ ଓ ଶିଳାନ୍ୟାସ ହେବ ଦୁଇ ପ୍ରକଳ୍ପ। ଏହି ଐତିହାସିକ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ ଓ କ୍ୟାବିନେଟର ମନ୍ତ୍ରୀଗଣ, ସାଂସଦ, ବିଧାୟକ, ଦଳୀୟ ପଦାଧିକାରୀ ଉପସ୍ଥିତ ରହିବେ। ଏହି ଅବସରରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଆଦିବାସୀ ଗବେଷଣା ଓ ଉନ୍ନୟନ କେନ୍ଦ୍ର, ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ଓ ରାଇରଙ୍ଗପୁର ପୁଲିସ ଜିଲା ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି।

ଖୁବ୍‌ଶୀଘ୍ର ମୋଦୀଙ୍କ ମନ୍ତ୍ରିମଣ୍ଡଳ ଅଦଳବଦଳ !

ନୂଆଦିଲ୍ଲୀ ,୧୭/୬: କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଜନା କରୁଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। କିଛିଦିନ ହେବ ବିଜେପି ସାଂଗଠନିକ ସ୍ତରରେ ପରିବର୍ତ୍ତନ ଓ ରାଜ୍ୟସଭା ଆସନ ନିମନ୍ତେ ନାମାଙ୍କନପତ୍ର ଦାଖଲ ଏହି ଚର୍ଚ୍ଚାକୁ ଖୋରାକ୍ ଯୋଗାଉଛି ।ବର୍ତ୍ତମାନ କେନ୍ଦ୍ର ମନ୍ତ୍ରୀ ଥିବା ଦୁଇ ଜଣଙ୍କୁ ପୁନର୍ବାର ରାଜ୍ୟସଭା ନିର୍ବାଚନ ନିମନ୍ତେ ପ୍ରାର୍ଥୀ କରାଯାଇନାହିଁ। ଫଳରେ ସେମାନଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଥାଉ କି ମୋଦୀ ସରକାରରେ ପ୍ରତିଥର ଦୁଇ ବର୍ଷ କାର୍ଯ୍ୟକାଳ ଶେଷ କରିବା ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇଥିବା ନଜିର ରହିଛି। ମନ୍ତ୍ରିମଣ୍ଡଳରେ ଅଧିକ ସଂଖ୍ୟକ ମହିଳା, ସହଯୋଗୀ ଦଳ ଓ ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜ୍ୟର ନେତାଙ୍କୁ ସାମିଲ କରାଯିବା ଲକ୍ଷ୍ୟରେ ଏହି ଅଦଳବଦଳ କରାଯାଇଥାଏ। ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଜେପି ନେତୃତ୍ୱାଧୀନ ୩ ପାଳିର ଏନ୍‌ଡିଏ ସରକାର ନିଜର ୨ବର୍ଷର କାର୍ଯ୍ୟକାଳ ଶେଷ କରିଥିବାରୁ ଖୁବ୍‌ଶୀଘ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ନେଇ ଚର୍ଚ୍ଚା ଜୋର ଧରିଛି। ଗତ ୨୦୨୪ ଜୁନ୍ ୯ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ୩୦ଜଣ କ୍ୟାବିନେଟ୍ ମନ୍ତ୍ରୀ, ୫ଜଣ ରାଜ୍ୟ (ସ୍ୱାଧୀନ ପାହ୍ୟା) ମନ୍ତ୍ରୀ, ୩୬ଜଣ ରାଜ୍ୟମନ୍ତ୍ରୀ ଶପଥ ନେଇଥିଲେ। ୨୦୦୩ର ସମ୍ବିଧାନ ସଂଶୋଧନ ଅନୁଯାୟୀ ଲୋକସଭା ଓ ବିଭିନ୍ନ ରାଜ୍ୟର ବିଧାନସଭାର ମୋଟ୍ ସଦସ୍ୟ ସଂଖ୍ୟାର ୧୫%ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିପାରିବେ। କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଏହା ୧୦% ରଖାଯାଇଛି। ସୂଚନାଥାଉ କି ୨୦୧୪ ନିର୍ବାଚନରେ ବିଜୟୀ ହୋଇ ସରକାର ଗଢ଼ିବା ପରେ ତତ୍କାଳୀନ ମୋଦୀ ସରକାର ୨୦୧୬ରେ ମନ୍ତ୍ରିମଣ୍ଡଳ ଅଦଳବଦଳ/ବିସ୍ତାର କରିଥିଲେ। ସେହିପରି ୨୦୧୯ରେ ମୋଦୀ ସରକାର ପୁନର୍ବାର ସରକାର ଗଢ଼ିଥିବାବେଳେ ୨୦୨୧ ଜୁଲାଇ ୭ରେ ମନ୍ତ୍ରିମଣ୍ଡଳରେ ଅଦଳବଦଳ/ବିସ୍ତାର କରିଥିଲେ। ଚଳିତଥର ମଧ୍ୟ ସେହିପରି ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ଆଗାମୀ ରାଜ୍ୟସଭା ନିର୍ବାଚନ ନିମନ୍ତେ ବିଜେପି ତରଫରୁ ୧୧ଜଣଙ୍କୁ ପ୍ରାର୍ଥୀ କରାଯାଇଛି।

ମୋଦୀ-ଟ୍ରମ୍ପ ବୈଠକ ପୂର୍ବରୁ ନୂଆ ଡ୍ରାମା, କ୍ୱାଡରୁ ବାହାରି ଯିବକି ଭାରତ ?

ପ୍ୟାରିସ/ୱାସିଂଟନ,୧୭/୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ପୂର୍ବରୁ,ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ 'ଇଣ୍ଡୋ-ପାସିଫିକ୍ କମାଣ୍ଡ' ଶବ୍ଦରୁ 'ଇଣ୍ଡୋ' ଶବ୍ଦକୁ ହଟାଇ ଦେଇଛି। ଏହାର ଗଭୀର ଭୂରାଜନୈତିକ ପ୍ରଭାବ ରହିଛି। ମେ' ୨୦୨୬ ରେ ଶାଙ୍ଗ୍ରି-ଲା ଡାଏଲଗରେ ଆମେରିକାର ଯୁଦ୍ଧ ସଚିବ ପିଟ୍ ହେଗସେଥଙ୍କ ଭାଷଣ ଆମେରିକାର ନୂତନ ବୈଦେଶିକ ଏବଂ ପ୍ରତିରକ୍ଷା ନୀତିର ମୂଳଦୁଆ ପକାଇଥିଲା। ଏହି ସମୟରେ ସେ 'ଇଣ୍ଡୋ' ଶବ୍ଦକୁ ଏଡ଼ାଇବା ଆରମ୍ଭ କରିଥିଲେ। ବାରାକ ଓବାମା ପ୍ରଶାସନ, ଟ୍ରମ୍ପଙ୍କ ପ୍ରଥମ ସରକାର ଏବଂ ତା'ପରେ ଜୋ ବାଇଡେନ ପ୍ରଶାସନ ସମୟରେ 'ଇଣ୍ଡୋ-ପାସିଫିକ୍' ଶବ୍ଦଟି ବହୁଳ ଭାବରେ ବ୍ୟବହୃତ ହୋଇଥିଲା, କିନ୍ତୁ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଏହାକୁ ହଟାଇବା ପାଇଁ ଉଦ୍ୟମ ହୋଇଥିଲା। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, 'କ୍ୱାଡ୍', ଯାହା ଆମେରିକା, ଭାରତ, ଅଷ୍ଟ୍ରେଲିଆ ଏବଂ ଜାପାନକୁ ନେଇ ଗଠିତ ଏକ ମେଂଚ ଏବଂ 'ଇଣ୍ଡୋ-ପାସିଫିକ୍' ଉପରେ ଆଧାରିତ। ତେଣୁ, 'ଇଣ୍ଡୋ' ଶବ୍ଦଟି ହଟାଇବା ଭାରତ କ୍ୱାଡ୍ ରୁ ଓହରିଯିବା ଉଚିତ କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠାଇଛି। 'ଇଣ୍ଡୋ-ପାସିଫିକ୍ କମାଣ୍ଡ' ରୁ 'ଇଣ୍ଡୋ' ଶବ୍ଦକୁ ହଟାଇବା ସ୍ପଷ୍ଟ ଭାବରେ ବୁଝାଉଛି ଯେ, ଆମେରିକା ଏବେ ବହୁପାକ୍ଷିକ ଆଦର୍ଶବାଦ ଅନୁସରଣ କରିବା କିମ୍ବା ସମଗ୍ର ଭାରତ-ପାସିଫିକ୍ ଅଚଂଳକୁ ଏକତ୍ରିତ କରିବାର ପ୍ରୟାସ କରିବା ପରିବର୍ତ୍ତେ କେବଳ ନିଜର ମୁଖ୍ୟ ପ୍ରଶାନ୍ତ ମହାସାଗର ସ୍ୱାର୍ଥ ଏବଂ ସୁରକ୍ଷା ଉପରେ ଧ୍ୟାନ ଦେବ। ଚୀନ୍‌ର ମୁକାବିଲା କରିବା ପାଇଁ ଆମେରିକାକୁ ଆଉ ଭାରତ ଆବଶ୍ୟକ ନାହିଁ, ଏବଂ ଏହା ହୁଏତ ଜି-୨ ର ଚିନ୍ତାଧାରାକୁ ଆହୁରି ଆଗକୁ ବଢ଼ାଏ।

ଦେଶର ପ୍ରମୁଖ ଠିକଣାରେ ଡ୍ରୋନ୍ ଆଟାକ୍ ଆଶଙ୍କା:

ସମ୍ଭାବ୍ୟ ଆକ୍ରମଣ ନେଇ କେନ୍ଦ୍ରର ଚେତାବନୀ

ନୂଆଦିଲ୍ଲୀ,୧୭/୬: ଶତ୍ରୁ କରୁଛି ବଡ଼ ପ୍ଲାନ୍ । ସତର୍କ ଅଛି ଭାରତ । ବଡ଼ ବୈଠକ କରୁଛି ଗୃହମନ୍ତ୍ରଣାଳୟ । କେନ୍ଦ୍ର ସରକାର ଚେତାବନୀ ଦେଇଛନ୍ତି ଯେ, ଶତ୍ରୁପକ୍ଷର ଡ୍ରୋନ ସୀମାନ୍ତରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ଆକ୍ରମଣ କରିପାରେ । ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ସାମୁଦ୍ରିକ ସୁରକ୍ଷା ଶାଖା ସ୍ଥଳ ଏବଂ ସମୁଦ୍ର ସୀମା ନିକଟବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ଡ୍ରୋନ ଆକ୍ରମଣ ନେଇ ସତର୍କତା ଜାରି କରା ଯାଇଛି। ଏହି ଚେତାବନୀ ପରେ, ସୁରକ୍ଷା ଏଜେନ୍ସିଗୁଡ଼ିକ ସାରା ଦେଶରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁଡ୍ରୋନ୍‌ପ୍ରତିରୋଧୀ ସିଷ୍ଟମ ମୁତୟନ କରିବା ଆରମ୍ଭ କରିଛନ୍ତି। ଗୃହ ମନ୍ତ୍ରଣାଳୟ ସୀମା ସୁରକ୍ଷା ବଳ ମଧ୍ୟରେ ଏକ ସ୍ୱତନ୍ତ୍ର କମିଟି ମଧ୍ୟ ଗଠନ କରିଛି । ଏହି କମିଟିର କାର୍ଯ୍ୟ ହେଉଛି ଭାରତ ପାଇଁ ସର୍ବୋତମ ଡ୍ରୋନ୍ ପ୍ରତିରୋଧୀ ପ୍ରଣାଳୀର ମୂଲ୍ୟାଙ୍କନ ଏବଂ ଅନୁମୋଦନ କରିବା। କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ-ଉଓ୍ୱଝର୍ ମଧ୍ୟ ଏକ ଦଳ ଗଠନ କରିଛି, ଯେଉଁଥିରେ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ ଉଜଉଡ଼, ଗୁଇନ୍ଦା ବ୍ୟୁରୋ , ଭାରତୀୟ ବିମାନବନ୍ଦର ପ୍ରାଧିକରଣ ଏବଂ ଈଝର) ର ଅଧିକାରୀମାନେ ସାମିଲ ଅଛନ୍ତି, ଯେଉଁମାନେ ଦେଶର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରୁଛନ୍ତି । ଏହି ଟିମର ରିପୋର୍ଟ ଏବଂ ଗୃହ ମନ୍ତ୍ରଣାଳୟର ଅନୁମୋଦନ ପରେ ହିଁ କେଉଁ ସ୍ଥାନରେ କେଉଁ ଆଟିଂ-ଡ୍ରୋନ୍ ସିଷ୍ଟମ୍ ସ୍ଥାପନ କରାଯିବ ତାହା ନିଷ୍ପତି ନିଆଯିବ ।

ପାହାଲ ଅଚଂଳରେ ଯୁବକଙ୍କୁ ହତ୍ୟା ; ୨ ଗିରଫ

ଭୁବନେଶ୍ୱର,୧୭/୬(ନି/ପ୍ର): ରାଜଧନୀ ଉପକଣ୍ଠ ପାହାଲ ଅଚଂଳରୁ ଯୁବକଙ୍କ ମୃତଦେହ ମିଳିବା ଘଟଣାରେ ଦୁଇଜଣଙ୍କୁ ଗିରଫ କଲା ପୁଲିସ। ହାଇୱା ମାଲିକ ଏବଂ ହାଇୱା ମାଲିକଙ୍କ ଭାଇଙ୍କୁ ଗିରଫ କରାଯାଇଛି। ଅଭିଯୋଗ ଅନୁସାରେ ପାହାଲ ଥାନା ଅଚଂଳରେ ସ୍ଥାନୀୟ ଅନନ୍ତପୁରର ପ୍ରଭାତ ବେହେରା(୩୪)ଙ୍କ ମୃତଦେହ ସକାଳୁ ଦେଖିବାକୁ ମିଳିଥିଲା। ସେ ହାଇୱା ପରିଚାଳକ ଭାବରେ କାର୍ଯ୍ୟ କରନ୍ତି। ଯାହାକୁ ନେଇ ସ୍ଥାନୀୟ ଅଚଂଳରେ ଉତେଜନା ଦେଖାଦେବା ସହ ନଖରା-ନିଆଳି ରାସ୍ତା ଅବରୋଧ କରିଥିଲେ ଉନ୍ତେଜିତ ଜନତା। ଫଳରେ ଉଭୟ ପଟେ ଶହ ଶହ ଗାଡ଼ି ଅଟକିଥିଲା। ଉତେଜନାସ୍ଥଳରେ ପାହାଲ ପୁଲିସ୍ ପହଂଚି ବୁଝାସୁଝା କରିବା ପରେ ଭିଡ଼ ହଟିଥିଲା। ତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ହାଇୱା ମାଲିକ ଓ ତାଙ୍କ ଭାଇଙ୍କୁ ଗିରଫ କରାଯାଇଛି।

ପାଠ୍ୟ ପୁସ୍ତକ ତ୍ରୁଟି:

୩ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠିତ

ଭୁବନେଶ୍ୱର,୧୭/୬:ରାଜ୍ୟ ସରକାରଙ୍କ ବିଦ୍ୟାଳୟ ପାଠ୍ୟପୁସ୍ତକରେ ପରିଲକ୍ଷିତ ହୋଇଥିବା ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି ।ଆଭାସୀ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଏହି ତ୍ରୁଟି ସୁଧାରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିଷ୍ପତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ଏକ ତିନି ଜଣିଆ କମିଟି ଗଠନ କରାଯାଇ ଏହି ତ୍ରୁଟି ପାଇଁ କେଉଁ ଅଧିକାରୀ/ସଂସ୍ଥା ଦାୟୀ ତାହା ନିର୍ଣ୍ଣୟ କରିବା ପାଇଁ ବୈଠକରେ ମୁଖମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୭ ଦିନ ମଧ୍ୟରେ ଏହି କମିଟି ରିପୋର୍ଟ ଦାଖଲ କରିବେ ଏବଂ କମିଟିର ରିପୋର୍ଟ ଆଧାରରେ ଦାୟୀ ଅଧିକାରୀ/ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

ମହରମ୍ ପାଇଁ ଯୋଗୀଙ୍କ ନିଷ୍ପତି :

ଅସ୍ତ୍ର, ତାଜିୟା ଓ ଡିଜେ ଉପରେ ପ୍ରତିବନ୍ଧକ

ଲକ୍ଷ୍ନୌ,୧୭/୬: ଏଥର ଉତର ପ୍ରଦେଶରେ,ମହରମ୍ ସମୟରେ କୌଣସି ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରାଯିବ ନାହିଁ। ଆଗାମୀ ମହରମ୍ ପାଇଁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ସେ ମହରମ୍‌କୁ ଶୋକର ଏକ ଅବସର ଭାବରେ ବର୍ଣ୍ଣନା କରି କହିଛନ୍ତି ଯେ, ଏହି ଦିନ କୌଣସି ଶକ୍ତି ପ୍ରଦର୍ଶନ ହେବ ନାହିଁ। ଯୋଗୀ ଆଦିତ୍ୟନାଥ କହିଛନ୍ତି, ମହରମ୍ ସମୟରେ କୌଣସି ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରାଯିବ ନାହିଁ। କୌଣସି ନୂତନ ପରମ୍ପରା କିମ୍ବା ଜୋରରେ ଡିଜେ ସଙ୍ଗୀତ ଏବଂ ଡ୍ରମବାଜାର ଅନିୟନ୍ତିତ ବ୍ୟବହାରକୁ ଅନୁମତି ଦିଆଯିବ ନାହିଁ। ଏହା ସହିତ ଦୁର୍ଘଟଣା ରୋକିବା ପାଇଁ, ତାଜିୟାର ଉଚ୍ଚତା ନିର୍ଦ୍ଧାରିତ ମାନଦଣ୍ଡ ମଧ୍ୟରେ ରଖାଯିବା ଉଚିତ୍ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୧୦-୧୨ ଫୁଟରୁ ଅଧିକ ଉଚ୍ଚ ତାଜିଆ ପାଇଁ ଅନୁମତି ଦିଆଯିବା ଉଚିତ୍ ନୁହେଁ। ସେ ଗୁରୁତ୍ୱାରୋପ କରିଥିଲେ ଯେ ସମସ୍ତଙ୍କ ବିଶ୍ୱାସକୁ ସମ୍ମାନ ଦିଆଯିବା ଉଚିତ, କିନ୍ତୁ ନୂତନ ପରମ୍ପରା ପ୍ରଚଳନ କୌଣସି ପରିସ୍ଥିତିରେ ଗ୍ରହଣୀୟ ହେବ ନାହିଁ ।ଏହା ବ୍ୟତୀତ, ମହରମ୍ ?ରେ ଶାନ୍ତି ଭଙ୍ଗ କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୁଖ୍ୟମନ୍ତ୍ରୀ ଯୋଗୀ ରାଜ୍ୟରେ ଆଇନ ଶୃଙ୍ଖଳା ଏବଂ ଆଗାମୀ ପର୍ବପର୍ବାଣୀ ପ୍ରସ୍ତୁତି ସମ୍ପର୍କରେ ଭିଡିଓ କନଫରେନ୍ସି ମାଧ୍ୟମରେ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ଏହି ବୈଠକରେ, ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଯେ, ସମସ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ପୁଲିସ ଅଧୀକ୍ଷକ (ଏସପି) ମହରମ୍‌ର ବ୍ୟବସ୍ଥା ସମ୍ପର୍କରେ ପୂର୍ବରୁ ଜନସାଧାରଣଙ୍କ ସହ ଯୋଗାଯୋଗ ଆରମ୍ଭ କରନ୍ତୁ। କୌଣସି ଜିଲ୍ଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନହେବା ଏବଂ କୌଣସି ପ୍ରକାରର ଦୁଷ୍କର୍ମ ଘଟଣା ନ ଘଟେ ତାହା ନିର୍ଣ୍ଣିତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ମହରମ୍ ହେଉଛି ଇସଲାମିକ କ୍ୟାଲେଣ୍ଡରର ପ୍ରଥମ ଏବଂ ପବିତ୍ର ମାସ। ଏହା ଜୁନ୍ ୧୭ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ମାସ କର୍ବାଲା ଯୁଦ୍ଧରେ ପୈଗମ୍ବର ମହମ୍ମଦଙ୍କ ନାତିଙ୍କ ଇମାମ୍ ହୁସେନ ଇବନ୍ ଅଲିଙ୍କ ବଳିଦାନକୁ ମନେ ପକାଇଥାଏ। ଏହା ଶୋକର ମାସ ଭାବରେ ମଧ୍ୟ ଜଣାଶୁଣା। ଏହି ସମୟ ମଧ୍ୟରେ କୌଣସି ଉତ୍ସବ ପାଳନ କରାଯାଏ ନାହିଁ। ଇସଲାମିକ ନବବର୍ଷ, ଯାହାକୁ ହିଜରୀ ମଧ୍ୟ କୁହାଯାଏ, ଏହା ମାସର ପ୍ରଥମ ଦିନରେ ଆରମ୍ଭ ହୁଏ। ମହରମ୍ ହେଉଛି ଇସଲାମିକ କ୍ୟାଲେଣ୍ଡରର ଚାରିଟି ପବିତ୍ର ମାସ ମଧ୍ୟରୁ ଗୋଟିଏ । ସିଆ ସମ୍ପ୍ରଦାୟ ଦ୍ୱାରା ଏହା ପାଳନ କରାଯାଇଥାଏ।

ମୋ ବିନା 'ଇସ୍ରାଏଲ ନଥାନ୍ତା' :

ଜି-୭ ଫୋରମରୁ ନେତାନ୍ୟାହୁଙ୍କୁ ସମାଲୋଚନା କଲେ ଟ୍ରମ୍ପ

ପ୍ୟାରିସ୍,୧୭/୬: ଫ୍ରାନ୍ସର ଏଭିଆନରେ ଚାଲିଥିବା ଜି-୭ ଶିଖର ସମ୍ମିଳନୀ ସମୟରେ, ଆମେରିକା ରାଷ୍ଟ୍ରପତିଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଉପରେ ବର୍ଷିଛନ୍ତି ।ନେତାନ୍ୟାହୁଙ୍କୁ ଟ୍ରମ୍ପ ଖୋଲାଖୋଲି ଭାବରେ ନେତାନ୍ୟାହୁଙ୍କୁ ସମାଲୋଚନା କରି ଦାବି କରିଛନ୍ତି ଯେ, ଯଦି ଆମେରିକା ତାଙ୍କ ସହିତ ନ ଥାଆନ୍ତା ତେବେ ଇସ୍ରାଏଲର ଅସ୍ତିତ୍ୱ ରହି ନଥାନ୍ତା। ଟ୍ରମ୍ପ ପାଗଳ ବୋଲି ମଧ୍ୟ କହିଛନ୍ତି। ଏଭଳି ମନ୍ତବ୍ୟ ଦୁଇଜଣଙ୍କ ସମ୍ପର୍କରେ ଥିବା ଫାଟକୁ ସ୍ପଷ୍ଟ ଭାବରେ ପ୍ରତିଫଳିତ କରିଛି। ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗ ଅନ୍ତର୍ଜାତୀୟ କୂଟନୀତିରେ ଏକ ପ୍ରମୁଖ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇପାରେ ବୋଲି ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଦୁଇ ବିଶ୍ୱ ନେତାଙ୍କ ମଧ୍ୟରେ ଦିନେ ନିବିଡ଼ ବନ୍ଧୁତା ଥିଲା, କିନ୍ତୁ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି, ସେ ନେତାନ୍ୟାହୁଙ୍କୁ ଜଣାଇ ଦେଇଛନ୍ତି ଯେ ଆମେରିକା ଲେବାନନରେ ତାଙ୍କର ସାମ୍ପ୍ରତିକଆକ୍ରମଣ ନେଇ ଅସନ୍ତୁଷ୍ଟ। ଏହି ବିପଦପୂର୍ଣ୍ଣ ଆକ୍ରମଣ ୱାସିଂଟନ ଏବଂ ତେହେରାନ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଚୁକ୍ତିକୁ ଗମ୍ଭୀର ଭାବରେ ବିପଦରେ ପକାଇଛି। ଆସନ୍ତା ଶୁକ୍ରବାର ଜେନେଭାରେ ଏହି ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି, ଏବଂ ସମସ୍ତଙ୍କ ନଜର ଏହା ଉପରେ ରହିଛି। ନେତାନ୍ୟାହୁଙ୍କ ପ୍ରତି ଟ୍ରମ୍ପଙ୍କ କ୍ରୋଧ ପଛରେ ଆମେରିକାର ଘରୋଇ ରାଜନୀତିକୁମଧ୍ୟ ଏକ ପ୍ରମୁଖ କାରଣ ବୋଲି ବିବେଚନା କରାଯାଉଛି। ଆମେରିକାରେ ଯୁଦ୍ଧପ୍ରେମୀଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଛି, ଏବଂ ପେଟ୍ରୋଲର ମୂଲ୍ୟ ବୃଦ୍ଧି ପାଇଛି। ଏହି ବିନାଶକାରୀ ଯୁଦ୍ଧକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ଟ୍ରମ୍ପଙ୍କ ଉପରେ ପ୍ରବଳ ଚାପ ପଡ଼ିଛି। ଟ୍ରମ୍ପ ଏବେ ଇରାନ ସହିତ ଏକ ଶାନ୍ତି ଚୁକ୍ତି କରିବାକୁ ବ୍ୟାକୁଳଥିବା ପରି ଦେଖାଯାଉଛନ୍ତି। ଆମେରିକାରେ, ଇସ୍ରାଏଲକୁ ସମର୍ଥନ ନେଇ ଦୀର୍ଘ ଦିନ ଧରି ଚାଲିଥିବା ରାଜନୈତିକ ବିଭାଜନ ଏବେ ସ୍ପଷ୍ଟ ଭାବରେ ଦେଖାଦେଇଥିବା ପରି ମନେ ହେଉଛି। ଯୁଦ୍ଧରେ ପାଲେଷ୍ଟାଇନୀମାନଙ୍କ ପ୍ରତି ଇସ୍ରାଏଲର କଠୋର ବ୍ୟବହାର ଯୋଗୁଁ ଡେମୋକ୍ରାଟମାନେ ଗଭୀର କ୍ରୋଧିତ ଏବଂ ଅନେକ ପ୍ରଶ୍ନ ଉଠାଇଛନ୍ତି। ରିପବ୍ଲିକାନ ନେତାମାନେ ମଧ୍ୟ ଇସ୍ରାଏଲକୁ ସମର୍ଥନ କରିବାର ଆବଶ୍ୟକତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଇହୁଦୀ ଡେମୋକ୍ରାଟିକ୍ କାଉନସିଲର ହାଲି ସୋଇଫର ଟ୍ରମ୍ପଙ୍କ କୂଟନୈତିକ ମନ୍ତବ୍ୟକୁ ଅତ୍ୟନ୍ତ ଅପମାନଜନକ ଏବଂ ସମ୍ପୂର୍ଣ୍ଣ ଭୁଲ ବୋଲି କହିଛନ୍ତି। ପୂର୍ବତନ ପରାମର୍ଶଦାତା ଆରନ୍ ଡେଭିଡ୍ ମିଲରଙ୍କ ଅନୁଯାୟୀ, ଯଦି ନେତାନ୍ୟାହୁ ଏହି ଚୁକ୍ତିର ରାସ୍ତାରେ ବାଧା ସୃଷ୍ଟି କରନ୍ତି, ତେବେ ଟ୍ରମ୍ପ ତାଙ୍କ ଉପରେ ପ୍ରବଳ ଚାପ ପ୍ରୟୋଗ କରିବେ। ଟ୍ରମ୍ପ ଏହି ଭୟଙ୍କର ଯୁଦ୍ଧରୁ ବାହାରିବାକୁ ଚାହୁଁଛନ୍ତି। ଲକ୍ଷ୍ୟ ହାସଲ କରିବା ପାଇଁ ତାଙ୍କର ପ୍ରଭାବ ବ୍ୟବହାର କରିବାକୁ ଇଚ୍ଛୁକ। ଟ୍ରମ୍ପ କହିଛନ୍ତି ଯେ, ବିବିଙ୍କ ସହ ତାଙ୍କର ସମ୍ପର୍କ ଉତ୍କୃଷ୍ଟ ହୋଇଛି, କିନ୍ତୁ ବର୍ତ୍ତମାନ ତାଙ୍କୁ ଅଧିକ ଦାୟିତ୍ୱବାନ ହେବାକୁ ପଡିବ। ଯଦି ନେତାନ୍ୟାହୁ ଯୁଦ୍ଧ ଜାରି ରଖନ୍ତି, ତେବେ ଏହା ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଥିବା ଐତିହାସିକ ସମ୍ପର୍କରେ ଏକ ବଡ଼ ଫାଟ ସୃଷ୍ଟି କରିବ।

ସୂଚନା

ରଜ ପାଇଁ 'ଉତ୍କଳ ସମାଚାର' କାର୍ଯ୍ୟାଳୟ ଜୁନ୍ ୧୪, ୧୫, ୧୬ ବନ୍ଦ ଥିଲା।

—— ସଂପାଦକ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122

କେନ୍ଦୁଝରରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

କେନ୍ଦୁଝର,୧୭/୬(ନି/ପ୍ର): ରାଜ୍ୟର ଗରିବ ଓ ନିଷ୍ପେଷିତ ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଓଡ଼ିଶା ସରକାର ଏକ ଐତିହାସିକ ପଦକ୍ଷେପ ସ୍ୱରୂପ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଦରବାର ହଲ୍ ?ଠାରେ ଏକ ଭବ୍ୟ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାନ୍ୟବର ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିବୃନ୍ଦ କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ଏବଂ ପ୍ରଭୁ ବଳଦେବଜୀଉଙ୍କ ପବିତ୍ର ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ମେଗା କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ରାଜ୍ୟରେ କୌଣସି ବ୍ୟକ୍ତି ଯେପରି ଖାଦ୍ୟ ଅଭାବରୁ କଷ୍ଟ ନ ପାଆନ୍ତି, ସେଥିପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ଲକ୍ଷ୍ୟ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ କଲ୍ୟାଣକାରୀ ''ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଗରିବ ପରିବାରଗୁଡ଼ିକୁ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ଯୋଗାଇ ଦିଆଯିବ, ଯାହା ସେମାନଙ୍କ ଆର୍ଥିକ ବୋଝକୁ ଲାଘବ କରିବ। ଚାଷୀମାନେ ଯେପରି ବିନା ଦ୍ୱିଧାରେ ନିଜ ଧାନ ବିକ୍ରି କରିପାରିବେ, ସେଥିପାଇଁ ସରକାର ସିଧାସଳଖ ଧାନ କିଣୁଛନ୍ତି ଏବଂ ମଣ୍ଡିରୁ ମିଲ୍ ଦେଇ ସିଧାସଳଖ ହିତାଧିକାରୀଙ୍କ ପାଖରେ ଚାଉଳ ପହଚାଂଇବାକୁ ବ୍ୟବସ୍ଥା କରାଯାଇଛି। କୌଣସି ଶିଶୁ ଯେପରି ଅନ୍ନ ଅଭାବରୁ ଅପପୁଷ୍ଟିର ଶିକାର ନ ହୁଅନ୍ତି, ସେଥିପ୍ରତି ସରକାର ସମ୍ପୂର୍ଣ୍ଣ ସଜାଗ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଯୋଜନା ସମ୍ପର୍କରେ ସୂଚନା ଦେଇ କୁହାଯାଇଛି ଯେ, ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ମାସିକ ୫ କିଲୋ ଚାଉଳ ମିଳୁଥିବାବେଳେ, ଏବେ ରାଜ୍ୟ ସରକାର ଅତିରିକ୍ତ ୫ କିଲୋ ପ୍ରଦାନ କରିବେ। ଫଳସ୍ୱରୂପ, ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ମାସିକ ମୋଟ ୧୦ କିଲୋ ଚାଉଳ

ମାଗଣାରେ ପାଇବେ। କେନ୍ଦୁଝର ଜିଲ୍ଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୪,୧୪,୫୦୭ ପରିବାରର ୧୪,୪୯,୫୦୭ ହିତାଧିକାରୀ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ୧୯,୪୭୭ ପରିବାରର ୬୧,୧୧ ହିତାଧିକାରୀଙ୍କୁ ମିଶାଇ ମୋଟ ୪,୩୩,୯୮୪ ପରିବାରର ୧୫,୧୦,୬୧୮ ହିତାଧିକାରୀ ଉପକୃତ ହେବେ। ଏଥିପାଇଁ ମାସିକ ୧୪,୧୦୦.୨୫ କୁଇଣ୍ଟାଲ ଚାଉଳ ଆବଣ୍ଟନ କରାଯାଇଛି। କେନ୍ଦୁଝର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଗଣ୍ଡ କହିଥିଲେ ଯେ, ରାଜ୍ୟର ପ୍ରତ୍ୟେକ ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ସରକାରଙ୍କ ମୂଳ ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ମିଳିତ ସମନ୍ୱୟରେ ଓଡ଼ିଶାର ପ୍ରାୟ ୩ କୋଟି ୨୮ ଲକ୍ଷ ୫୨ ହଜାର ହିତାଧିକାରୀ ଏହି ଯୋଜନାରୁ ସିଧାସଳଖ ଉପକୃତ ହେବେ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର ଅଧ୍ୟକ୍ଷା ମମିତା ନାଏକ,ବିଧାୟକ ଚମ୍ପୁଆଙ୍କ ପ୍ରତିନିଧି ଶ୍ରୀ ସଞ୍ଜୀବ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଏହି ଗରିବ କଲ୍ୟାଣକାରୀ ଯୋଜନାକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରଶାସନିକ ସ୍ତରରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣଙ୍କ ସମେତ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପଚଂମ ଓଡିଶା ଗ୍ରାମ୍ୟ ମେଳା ଉଦ୍‌ଘାଟିତ

କେନ୍ଦୁଝର,୧୭/୬(ନି/ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆ ଠାରେ ପଚଂମ ଓଡିଶା ଗ୍ରାମ୍ୟ ମେଳା ଉଦଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ଶ୍ରୀ ସୁଶାନ୍ତ କୁମାର ପାତ୍ର , ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଜୁନ୍ ୧୧ ତାରିଖରୁ ଜୁନ୍ ୨୪ ତାରିଖ ପର୍ଯ୍ୟନ୍ତ ଏହି ମେଳା ଅନୁଷ୍ଠିତ ହେବ । ଆମ ଗାଁ, ଆମ ମାଟି ଓ ଆମ ପରମ୍ପରା ର ବାର୍ତ୍ତା ଦେଉଥିବା ଏହି ମେଳାରେ ହସ୍ତତନ୍ତ, ହସ୍ତଶିଳ୍ପ, ଘରୋଇ ଉପକରଣ,ବୈଦୁତିକ ଉପକରଣ ତଥା ବିଭିନ୍ନ ରାଜ୍ୟରୁ ଆସିଥିବା ଆଚଂଳିକ ପ୍ରସିଦ୍ଧ ଶାଢୀ ପୋଷାକ ଆଦିର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଷ୍ଟଲ୍ ମାନ ପ୍ରଦର୍ଶିତ ହେବ। ଗୃହସ୍ଥୀ ମସଲା ଷ୍ଟଲ ରେ ମସଲା ଉପରେ ଆକର୍ଷଣୀୟ ରିହାତି ମଧ୍ୟ ମିଳିବ। ଏଥିସହିତ ଛାତ୍ରଛାତ୍ରୀ ତଥା କେନ୍ଦୁଝରର ବିଭିନ୍ନ କଳାକାର ମାନଙ୍କ ନିମନ୍ତେ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେବ । ରଜ ଉପଲକ୍ଷେ ଛୋଟ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାର ଦୋଳି ଗୁଡ଼ିକ ଏହି ମେଳାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ ଓ ମେଳା ମଧ୍ୟକୁ ବୁଲି ଆସିବା ସହିତ ନିଜ ମନ ପସନ୍ଦର ସାମଗ୍ରୀ କିଣିନେବା ନିମନ୍ତେ ମେଳାର ଆବାହକ ସଞ୍ଜୟ କୁମାର ସାହୁ ଅନୁରୋଧ କରିଛନ୍ତି । ଆଜିର ଏହି ଉଦଘାଟନି ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ୨୧ ନମ୍ବର ୱାର୍ଡର କାଉନସିଲର ଶ୍ରୀ ହେମନ୍ତ କୁମାର ପତି ସମ୍ମାନନୀୟ ଅତିଥି ରୂପେ ଉପସ୍ଥିତ ରହି ଗ୍ରାମ୍ୟ ମେଳା ବିଷୟରେ ନିଜର ମତ ରଖିଥିଲେ ।

ଭୁବନରେ ବିଜେପିର ବିକାଶ ସଂକଳ୍ପ ସମାବେଶ

ଭୁବନ,୧୭/୬(ନି/ପ୍ର): କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭୁବନ ସ୍ଥିତ ବୁଦ୍ଧେଶ୍ୱର ମନ୍ଦିର ପରିସରରେ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ୨ ବର୍ଷର ସଫଳତା ପୂର୍ତ୍ତି ଉପଲକ୍ଷେ "ବିକାଶ ସଂକଳ୍ପ ସମାବେଶ" ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କ ଅଧ୍ୟକ୍ଷତା ଓ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ମାତୃ ପ୍ରସାଦ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ସଂକଳ୍ପ ସମାବେଶରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ

ଅନୁଗୋଳ,୧୭/୬: ଶିଶୁ ଶ୍ରମ ନିରାକରଣ ଏବଂ ଶିଶୁମାନଙ୍କ ଅଧିକାର ସୁରକ୍ଷା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ "ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ"ର ଶୁଭ ଉଦଘାଟନ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ ।ଏହି ରଥ ଜିଲ୍ଲାର ସମସ୍ତ ବ୍ଲକର ବିଭିନ୍ନ ହୋଟେଲ, ଢାବା, ଗ୍ୟାରେଜ, ହାଟ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନ ପରିଭ୍ରମଣ କରିବ। ଶିଶୁ ଶ୍ରମର କୁପ୍ରଭାବ, ଶିକ୍ଷାର ଗୁରୁତ୍ୱ ଏବଂ ପ୍ରତ୍ୟେକ ଶିଶୁଙ୍କ ପାଇଁ ଏକ ସୁରକ୍ଷିତ ତଥା ସୁନିଶ୍ଚିତ ଶୈଶବ ଗଠନ କରିବାରେ ସମାଜର ସାମୂହିକ ଦାୟିତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ଏହି ରଥର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ଶ୍ରମ ଆୟୁକ୍ତ ଶ୍ରୀ କୁବେର ବେହେରା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀମତୀ ଇତିଶ୍ରୀ ଗାଗରାଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରା, ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଦେବପ୍ରସାଦ ମହାନ୍ତି ଏବଂ ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ମହାପାତ୍ରଙ୍କ ସମେତ ଆଠମଲ୍ଲିକ, କିଶୋରନଗର, ବଅଁରପାଳ ଓ ତାଳଚେରର ସହକାରୀ ଶ୍ରମ ଅଧିକାରୀମାନେ ଉପସ୍ଥିତ ଥିଲେ।

ନିମ୍ନମାନର ରାସ୍ତା କାମ ପାଇଁ ଜମୁଛି ପାଣି : ତେଜୁଛି ଜନ ଅସନ୍ତୋଷ

ଚମ୍ପୁଆ,୧୭/୬(ନି/ପ୍ର):କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଂଚାୟତର ରଜିଆ ଗ୍ରାମରେ ଏକ ନିମ୍ନମାନର କଂକ୍ରିଟ ରାସ୍ତା ନିର୍ମାଣକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ଓ ନିର୍ବାହୀ ସଂସ୍ଥାର ଆଖିବୁଜା ନୀତି ଯୋଗୁଁ ସରକାରୀ ଅର୍ଥର ଶ୍ରାଦ୍ଧ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ମିଳିଥିବା ସୂଚନା ମୁତାବକ, ରଜିଆ ଗ୍ରାମର ରାଧାମାଧବ ପାଠାଗାର ଠାରୁ ବାଲଦେବ ଗିରୀଙ୍କ ଘର ପର୍ଯ୍ୟନ୍ତ ଏକ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇଛି। କେନ୍ଦୁଝର ଜିଲ୍ଲା ପରିଷଦର 'ପଂଚମ ରାଜ୍ୟ ଅର୍ଥ କମିଶନ' ଯୋଜନାରେ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଏହି କାର୍ଯ୍ୟ ନିମନ୍ତେ ୧,୪୩,୮୦୩ ଟଙ୍କାର ଅନୁଦାନ ଅଟକଳ କରାଯାଇଥିଲା। ଏହି ରାସ୍ତା କାମର କାର୍ଯ୍ୟ ନିର୍ବାହୀ ସଂସ୍ଥା ଖୋଦ ଚମ୍ପୁଆ ପଚାଂୟତ ସମିତି ହୋଇଥିବା ବେଳେ, ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ସମୟରେ ସିମେଂଟ ଓ ବାଲିର ପରିମାଣ ଠିକ୍ ଭାବେ ଦିଆଯାଇ ନାହିଁ। ଏହା ସହିତ ରାସ୍ତାର ସମତୁଲତା ରକ୍ଷା କରାଯାଇ ନଥିବାରୁ ସାଧାରଣ ବର୍ଷା ହେଲେ ମଧ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ ନୂତନ ଭାବେ ନିର୍ମିତ ଏହି ରାସ୍ତାର ସ୍ଥାୟିତ୍ୱକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ସେତିକି ନୁହେଁ, ରାସ୍ତାରେ ଜମି ରହୁଥିବା ପାଣି ନିଷ୍କାସନ ହୋଇନପାରି ରାସ୍ତା କଡ଼ରେ ଥିବା ସ୍ଥାନୀୟ ଲୋକଙ୍କ ଘର ମଧ୍ୟକୁ ପ୍ରବେଶ କରୁଛି। ଯାହାଦ୍ୱାରା ଲୋକେ ବସବାସ କରିବାରେ ଚରମ ହଇରାଣ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆକ୍ରୋଶ ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନ ତୁରନ୍ତ ଏହି ଘଟଣାର ତଦନ୍ତ କରି ନିମ୍ନମାନର କାର୍ଯ୍ୟ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାସ୍ତାର ସୁଧାର ଆଣିବାକୁ ଦାବି ହେଉଛି।

ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ପାଇଁ କେନ୍ଦୁଝରରେ ପ୍ରସ୍ତୁତି ବୈଠକ

କେନ୍ଦୁଝର,୧୭/୬(ନି/ପ୍ର): ଆଗାମୀ ଆନ୍ତର୍ଜାତୀୟ ଯୋଗ ଦିବସ -୨୦୨୬କୁ ଜିଲ୍ଲାରେ ବ୍ୟାପକ ଓ ସଫଳତାର ସହ ପାଳନ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଓସୱାନ ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ ଏବଂ ବଡ଼ବିଲ ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ବୈଠକ ର ନିଷ୍ପତି ଅନୁଯାୟୀ ଯୋଗ ଦିବସର ସୁଚାରୁ ପରିଚାଳନା ପାଇଁ ବ୍ଲକ ସ୍ତରରେ ସମ୍ପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀ ମାନଙ୍କ ଅଧ୍ୟକ୍ଷତାରେ ଏବଂ ଗ୍ରାମ ପଚାଂୟତ ସ୍ତରରେ ସରପଚଂ ଓ ପଚାଂୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କ ଅଧ୍ୟକ୍ଷତାରେ ଆୟୋଜନ କମିଟି ଗଠନ କରାଯିବ। ଜିଲ୍ଲା ଓ ବ୍ଲକ ଯୋଗ ମହୋତ୍ସବ ସମିତି ସହ ଆଲୋଚନା କରି ପ୍ରତି କାର୍ଯ୍ୟକ୍ରମ ପାଇଁ ପ୍ରମାଣିତ ଯୋଗ ପ୍ରଶିକ୍ଷକମାନଙ୍କୁ ନିୟୋଜିତ କରାଯିବ। ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ପ୍ରଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ୪୫ ମିନିଟର 'ସାଧାରଣ ଯୋଗ ପ୍ରୋଟୋକଲ' ଅନୁଷ୍ଠିତ ହେବ ଏବଂ ଏହା ପରେ ସମସ୍ତେ ଯୋଗ ଶପଥ ପାଠ କରିବେ। ପ୍ରତି ବ୍ଲକ ଏବଂ ପୌରପାଳିକା ସ୍ତରରେ ଅତିକମରେ ୨୦୦ ଜଣ ଏବଂ ପ୍ରତିଗ୍ରାମ ପଚାଂୟତ ସ୍ତରରେ ଅତିକମରେ ୫୦ ଜଣ ଅଂଶଗ୍ରହଣକାରୀଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।ଯୋଗ ଫୋରମ୍ ଗୁଡିକରେ ସଠିକ୍‌ମଚଂ ପ୍ରସ୍ତୁତି, ସାଉଣ୍ଡ ସିଷ୍ଟମ, ପାନୀୟ ଜଳ, ବ୍ୟାନର ଏବଂ ଶୌଚାଳୟ ଭଳି ସମସ୍ତ ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସଫଳ ଆୟୋଜନ ପାଇଁ ପ୍ରତି ବ୍ଲକ ଓ ପୌରପାଳିକାକୁ ୧୫,୦୦୦ ଟଙ୍କା ଏବଂ ପ୍ରତି ଗ୍ରାମ ପଚାଂୟତକୁ ୨,୦୦୦ ଟଙ୍କାର ପାଣ୍ଠି ପ୍ରଦାନ କରାଯିବ ଏବଂ କାର୍ଯ୍ୟକ୍ରମ ଶେଷ ହେବା ପରେ ତୁରନ୍ତ ଉପଯୋଗିତା ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି। ଏହି ବୈଠକରେ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସୁକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏଥିସହ ଯୋଗ ମହୋତ୍ସବ ସମିତିର ଜିଲ୍ଲା ସଂଯୋଜକ ଶ୍ରୀ ମହେନ୍ଦ୍ର କୁମାର ସାହୁ, ଓଆରଏସ୍ – ଜିଲ୍ଲା କ୍ରୀଡ଼ା ଅଧିକାରୀ, ସରୋଜ କୁମାର ମଲ୍ଲିକ, କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ଜ୍ୟୋତିର୍ମୟୀ ନାଏକ, ଜିଲ୍ଲା ମୁଖ୍ୟ ଶିକ୍ଷକ (ଯୋଗ ମହୋତ୍ସବ ସମିତି) ଶ୍ରୀ ଦୁଃଶାସନ ମହାନ୍ତଙ୍କ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଅଖିଳ ଭାରତ ବ୍ୟବସାୟୀ ସଂଘ(କନ ଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ)ର ବଲାଙ୍ଗୀର ଶାଖା ଉଦ୍‌ଘାଟିତ

ବଲାଙ୍ଗୀର,୧୭/୬(ନି/ପ୍ର): ସ୍ଥାନୀୟ ତାରା ଦରବାର ଠାରେ ଅଖିଳ ଭାରତ ବ୍ୟବସାୟୀ ସଂଘର ଏକ ଅଧିବେଶନ ସ୍ଥାନୀୟ ପ୍ରତିଷ୍ଠିତ ବ୍ୟବସାୟୀ ଏବଂ ରାଷ୍ଟ୍ରୀୟ ତଥା ପ୍ରାଦେଶିକ କର୍ମକର୍ତ୍ତାଙ୍କ ଉପସ୍ଥିତି ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଧିବେଶନରେ ରିଙ୍କୁ ପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ରବି ଅଗ୍ରୱାଲ, ବିକାଶ ଅଗ୍ରୱାଲ ଏବଂ ଆଶିଷ ଅଗ୍ରୱାଲଙ୍କ ସଂଯୋଜନାରେ ସଭା କାର୍ଯ୍ୟ ଆୟୋଜିତ ହୋଇଥିଲା। ଅଧିବେଶନରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଆର.କେ.ଶୁକ୍ଳା ମୁଖ୍ୟଅତିଥି ରୂପେ ଯୋଗଦେଇ ବ୍ୟବସାୟୀମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ତଥା ଏହି ସଂଘ ଦ୍ୱାରା କେଉଁଭଳି ଭାବରେ ସମସ୍ୟାଗୁଡ଼ିକର ସମାଧାନ କରାଯାଉଛି ଆଲୋକପାତ କରିଥିଲେ। ଓଡିଶା ପ୍ରାଦେଶିକ ଅଧ୍ୟକ୍ଷ ଗୋବିନ୍ଦ ଅଗ୍ରୱାଲ, ଓଡିଶା ସଭାପତି ଜିତେନ୍ଦ୍ର ଗୁପ୍ତା ତଥା ଜିଏସ୍‌ଟି ଉପଦେଷ୍ଟା ପ୍ରକାଶ ଜୈନ, ସିଏ ଏହି ଅଧିବେଶନରେ ଉଦ୍‌ବୋଧନ ଦେଇଥିଲେ। ଆଜିର ଏହି ଅଧିବେଶନରେ ବଲାଙ୍ଗିର ଶାଖାର ଅଧ୍ୟକ୍ଷ ରୂପେ ମହେନ୍ଦ୍ର ଅଗ୍ରୱାଲ, ସଭାପତି ପ୍ରକାଶ କୁମାର ନେପାକ, ସମ୍ପାଦକ ରାଜୀବ ଗୋୟଲ, ଉପସଭାପତି ବିକାଶ ଅଗ୍ରୱାଲ, ଯୁଗ୍ମ ସଂପାଦକ ରିଙ୍କୁ ପାତ୍ର ତଥା କୋଷାଧ୍ୟକ୍ଷ ଅଗ୍ରୱାଲଙ୍କୁ ସର୍ବ ସମ୍ମତିକ୍ରମେ ମନୋନିତ କରାଯିବା ପରେ ପ୍ରାଦେଶିକ ସଭାପତି ଜିତେନ୍ଦ୍ର ଗୁପ୍ତ ଶପଥ ପାଠ କରାଇଥିଲେ। ଆଜିର ଏହି ଅଧିବେଶନରେ ୨୨ଜଣ ସଭ୍ୟଙ୍କୁ ଅଖିଳ ଭାରତ ବ୍ୟବସାୟୀ ସଂଘ(ସିଏଆଇଟି)ର ଆଜୀବନ ସଭ୍ୟ ରୂପେ ଗ୍ରହଣ କରାଯାଇ ଶପଥ ପାଠ କରାଇଥିଲେ। ଅଧିବେଶନରେ ବଲାଙ୍ଗିର ବିଶିଷ୍ଟ ଯୁବ ବ୍ୟବସାୟୀ ରମେଶ ଅଗ୍ରୱାଲଙ୍କ ଆକସ୍ମିକ ବିୟୋଗରେ ତାଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅଧିବେଶନରେ ବଲାଙ୍ଗୀର ଶାଖା ଅଧ୍ୟକ୍ଷ ମହେନ୍ଦ୍ର ଅଗ୍ରୱାଲ ତଥା ସଭାପତି ପ୍ରକାଶ କୁମାର ନେପାକ ଉଦ୍‌ବୋଧନ ଦେଇ ବ୍ୟବସାୟୀମାନଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଏହି ସଂଘକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପରିଶେଷରେ ସଭାପତି ଶ୍ରୀ ଗୁପ୍ତା ଏବଂ ବଲାଙ୍ଗିର ଶାଖା ସମ୍ପାଦକ ରାଜୀବ ଗୋୟଲ ଧନ୍ୟବାଦ ଅର୍ପଣ କରିଥିଲେ।

ବିକାଶର ଧାରା ଓଡ଼ିଶା ସାରା : ତିନି ଦିନିଆ ଜିଲ୍ଲାସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ

ଖୋର୍ଦ୍ଧା,୧୭/୬(ନି/ପ୍ର): ବିକାଶର ଧାରା, ଓଡ଼ିଶା ସାରା (ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି) ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ସରକାରୀ ଜନସଂପର୍କ ଏବଂ ନାଗରିକ ଅଂଶ ଗ୍ରହଣ ତିନିଦିନିଆ କାର୍ଯ୍ୟକ୍ରମ ସମ୍ମିଳନୀ ସଦର ମହକୁମା ପୌରପରିଷଦ ଟାଉନ୍ ହଲ୍ ଠାରେ ଉଦ୍ଘାଟିତ ହୋଇଯାଇଅଛି। ଏହି ଅବସରରେ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା ସରକାର, ସୁରେଶ ପୂଜାରୀ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୁଷ୍ପାର୍ଘ୍ୟ ପ୍ରଦାନ କରି ଉଦ୍‌ଘାଟନ କରି ନିଜ ଉଦବୋଧନରେ କହିଲେ ଓଡ଼ିଶାର ସାଢ଼େ ଚାରି କୋଟି ଓଡ଼ିଆ ଗୋଟିଏ ଗୋଟିଏ ପାଦ ବଢାଇ ବିକଶିତ ଓଡ଼ିଶା ୨୦୩୬ ଭିଜନକୁ ସାକାର କରି ଓଡ଼ିଶାକୁ ଶିଖରରେ ପହଂଚାଇବା ପାଇଁ ଆହ୍ୱାନ ଦେଇଥିଲେ । ରାଜ୍ୟ ସରକାର ଆଜିର ଦିନରେ କ୍ଷମତାକୁ ଆସିଲା ପରେ ଖରିଫ ଓ ରବିରେ ଚାଷୀଙ୍କୁ ୮୦୦ ଟଙ୍କା ସବସିଡି ଦେଇ ଧାନ କିଣିଲେ ଯାହା ଯୁଗାନ୍ତ କାରୀ ପଦକ୍ଷେପ। ସେହିପରି ପିଏମ କିଶାନ୍ ୬ ହଜାର ସହ ସିଏମ କିଷାନ ଯୋଜନାରେ ଆଉ ୪ ହଜାର ସହାୟତା ରାଶି ଦେଇ ଏହାକୁ ୧୦ ହଜାର ଚାଷୀଙ୍କୁ ପ୍ରଦାନ କଲେ। ଯଶସ୍ୱୀ ପ୍ରଧାନ ମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ଅର୍ଥ ନୈତିକ ବିକାଶ କ୍ଷେତ୍ରରେ ବିଶ୍ୱରେ ବର୍ତମାନ ତୃତୀୟ ରାଷ୍ଟ୍ର ଭାବେ ଉଭା ହୋଇଥିବା ବେଳେ ଜଶସ୍ୱୀ ମୋହନ ସରକାରଙ୍କ ନେତୃତ୍ୱରେ ମାତୃଶକ୍ତିର ଉତ୍‌ଥାନ ଦିଗରେ ଓ ଅର୍ଥ ନୈତିକ ସ୍ୱାବଲମ୍ବୀ ଦିଗରେ ଓଡ଼ିଶାରେ ଶୁଭଦ୍ରା ଯୋଜନାରେ ୧୭ ଲକ୍ଷ ଲକ୍ଷ ପତି ଦିଦି ସୃଷ୍ଟି କରା ଯାଇ ମାଇଲ ଖୁଂଟ ତିଆରି ହୋଇଛି। ଲୋକଙ୍କ ସେବାରେ ଲୋକଙ୍କ ସରକାର ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲାକରାଇଛନ୍ତି। ଶିକ୍ଷାରେ ମଧ୍ୟାହ୍ନ ଭୋଜନ ଯୋଜନାରେ ନବମ ଓ ଦଶମ ଶ୍ରେଣୀ ଯୋଡିବା, ବକୁଳବନ ବିଦ୍ୟାଳୟଭଳି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିବା, ୧୭ ଲକ୍ଷ କୋଟି ଟଙ୍କାର ଏମଓୟୁ ଶିଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତିନାମା କରିବା ରାଜ୍ୟ ସରକାରଙ୍କର ବିକଶିତ ଓଡ଼ିଶା ଗଠନରେ ଦୀକ୍ଷାନ୍ତ ପଦକ୍ଷେପ ବୋଲି ଜଣାଯାଏ। ଅନ୍ତଦ୍ୱୟଗୃହ ଯୋଜନାରେ ଭାରତରେ ଓଡ଼ିଶା ପ୍ରଥମ କହି ସ୍ୱଚ୍ଛ ନିର୍ମଳ ଶାସନରେ ଓଡ଼ିଶାରେ ହଜାର ହଜାର ବିଶୁ ମହାରଣା ଭଳି ଧର୍ମପଦ ଯୁବକ ଯୁବତୀ ଆଗେଇ ଆସି ସରକାରଙ୍କ ସମସ୍ତ ଯୋଜନା ତୃଣମୂଳ ସ୍ତରରେ ପହଂଚାଇବାସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଜଣେ ଜଣେ ବିଧାଣୀ ହେବାକୁ ଆହ୍ୱାନ ଦେଇଥିଲେ। ପରେ ମୁଖ୍ୟ ଅତିଥି ଅନ୍ତଦ୍ୱୟ ଗୃହ ଯୋଜନା, ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ବୟନ ସାମଗ୍ରୀ ପ୍ରଦାନ, ଅନ୍ତଦ୍ୱୟ ଅନ୍ନ ଯୋଜନା ହିତାଧିକାରୀଙ୍କୁ ସହାୟତା ରାଶି ବଂଟନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବିଧାୟକ ଖୋର୍ଦ୍ଧା ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାଜପା ସରକାର ଓ ରାଜ୍ୟରେ ଯଶସ୍ୱୀ ମୋହନ ମାଝୀଙ୍କ ନେତୃତ୍ୱରେ ଭାଜପା ସରକାରଙ୍କ ଖୋର୍ଦ୍ଧା ଜିଲ୍ଲା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଶିଳ୍ପ, ପର୍ଯ୍ୟଟନ, ପୂଜ୍ୟ ପୂଜାକୁ ସମ୍ମାନ, ଅନୁସୂଚିତ ଜାତି ଓ ଜନଜାତି ଯୋଜନାରେ ତୃଣ ମୂଳ ସ୍ତରରେ ଅନେକ ଯୋଜନାରେ ଖୋର୍ଦ୍ଧା ଜିଲ୍ଲାକୁ ରାଜ୍ୟରେ ଅଗ୍ରଣୀ ଜିଲ୍ଲାରେ ପହଂଚାଇବା ପାଇଁ ଉଦ୍ୟମ ଜାରି ରହିଛି। ଏଣୁ ଖୋର୍ଦ୍ଧା ପାଇକ ମାଟି ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ପାଇକ ବିଦ୍ରୋହ ମାଟି ହୋଇଥିବାବେଳେ ଖୋର୍ଦ୍ଧାବାସୀ ସୈନିକ ଭାବେ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର କରାଇ ଜିଲ୍ଲାକୁ ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ଆହ୍ୱାନ ଦେଇଥିଲେ।

୨୯ରେ ଶ୍ରୀବଳଦେବଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା

କେନ୍ଦ୍ରାପଡ଼ା,୧୭ ।୬(ନି/ପ୍ର): ଆସନ୍ତା ୨୯ତାରିଖ ସୋମବାର କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ପବିତ୍ର ଦେବସ୍ନାନପୂର୍ଣ୍ଣିମା। ଏହି ଉପଲକ୍ଷେ ଶ୍ରୀଜୀଉଙ୍କ ନୀତି ନିର୍ଘଂଟ ସ୍ଥିର ହୋଇଛି। ସେହିଦିନ ସକାଳ ୬ଟାରୁ ୭ଟା ମଧ୍ୟରେ ଶ୍ରୀଜୀଉ ସ୍ନାନ ମଣ୍ଡପକୁ ବିଜେ କରିବେ। ସକାଳ ସାଢେ ୭ଟାରେ ଶ୍ରୀଜୀଉଙ୍କ ଜୟମଙ୍ଗଳ ଆରତୀ, ଦିବା ୧୦ଟାରେ ନୀତିସ୍ନାନ, ମଧ୍ୟାହ୍ନ ୧୨ଟାରେ ଶ୍ରୀଜୀଉଙ୍କ ବଲ୍ଲଭ ମଣୋହୀ,ନୀତି କରାଯିବ।

ବିବିଧା

କାର୍ତ୍ତିକ ମାସରେ ପ୍ରାତଃସ୍ନାନ କାହିଁକି ?

ଶାସ୍ତ୍ରରେ କାର୍ତ୍ତିକ ମାସକୁ ଏକ ପୁଣ୍ୟ ମାସ ଭାବେ ବିବେଚନା କରାଯାଇଛି । ପୁରାଣ ଅନୁଯାୟୀ, ସାଧାରଣ ଦିନରେ ହଜାର ବାର ଗଙ୍ଗା ସ୍ନାନରୁ ଯେଉଁ ଫଳ ମିଳିଥାଏ କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ଯେକୌଣସି ନଦୀରେ ସ୍ନାନ କରିବା ଦ୍ୱାରା ସମାନ ଫଳ ମିଳିଥାଏ...

ପଦ୍ମ ପୁରାଣଙ୍କ ଅନୁଯାୟୀ, ଯେଉଁ ବ୍ୟକ୍ତିମାନେ କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ନଦୀ କିମ୍ବା ପୋଖରୀରେ ସ୍ନାନ କରି ଭଗବାନ ବିଷ୍ଣୁଙ୍କୁ ପୂଜା କରନ୍ତି ଭଗବାନ ବିଷ୍ଣୁ ସେମାନଙ୍କ ଉପରେ ଅଶେଷ କୃପା କରନ୍ତି । ପଦ୍ମପୁରାଣର କାହାଣୀ ଅନୁଯାୟୀ କାର୍ତ୍ତିକ ସ୍ନାନ ଏବଂ ପୂଜାପାଠ କରି ଦେବି ସତ୍ୟଭାମା ଭଗବାନ ଶ୍ରୀକୃଷ୍ଣଙ୍କ ପତ୍ନୀ ହେବାର ସୌଭାଗ୍ୟ ପାଇଥିଲେ ।

କାର୍ତ୍ତିକ ସ୍ନାନର ପୌରାଣିକ କାରଣ

କାହାଣୀ ଅନୁଯାୟୀ କାର୍ତ୍ତିକ ମାସର ମହିମା ଜାଣିବା ପାଇଁ କୁମାର କାର୍ତ୍ତିକ ଭଗବାନ ଶିବଙ୍କୁ ପଚାରିଥିଲେ କାହିଁକି କାର୍ତ୍ତିକ ମାସକୁ ସବୁଠାରୁ ପୁଣ୍ୟ ମାସ କୁହାଯାଏ ? ଭଗବାନ ଶିବ ଉତ୍ତରରେ କହିଥିଲେ ଯେପରି ନଦୀ ମଧ୍ୟରେ ଗଙ୍ଗା ସର୍ବୋତ୍ତମ, ଦେବତାମାନଙ୍କ ମଧ୍ୟରେ ବିଷ୍ଣୁ ସର୍ବୋତ୍ତମ, ସେହିପରି ମାସ ମଧ୍ୟରେ କାର୍ତ୍ତିକ ସର୍ବୋତ୍ତମ । ଏହି ମାସରେ ଭଗବାନ ବିଷ୍ଣୁ ପାଣି ଭିତରେ ରହନ୍ତି । ତେଣୁ, ଏହି ମାସରେ ନଦୀ ଓ ପୋଖରୀରେ ଗାଧୋଇବା ଦ୍ୱାରା ଭଗବାନ ବିଷ୍ଣୁଙ୍କୁ ପୂଜା ଓ ସାକ୍ଷାତ କରିବାର ପୁଣ୍ୟ ମିଳିଥାଏ । ଯେତେବେଳେ ଭଗବାନ ବିଷ୍ଣୁ ଶ୍ରୀକୃଷ୍ଣ ରୂପରେ ଅବତାରିତ ହେଲେ, ରୁକ୍ମିଣୀ ଏବଂ ସତ୍ୟଭାମା ତାଙ୍କର ପାଟରାଣୀ ହେଲେ । ସତ୍ୟଭାମା ତାଙ୍କ ପୂର୍ବ ଜୀବନରେ ଜଣେ ବ୍ରାହ୍ମଣଙ୍କ ଝିଅ ଥିଲେ । ଯୌବନ କାଳରେ ଦିନେ ତାଙ୍କ ସ୍ୱାମୀ ଏବଂ ପିତାଙ୍କୁ ଏକ ରାକ୍ଷସ ହତ୍ୟା କରିଥିଲା । ବ୍ରାହ୍ମଣଙ୍କ ଝିଅ କିଛି ଦିନ ଧରି କାନ୍ଦିବାକୁ ଲାଗିଲେ । ଏହା ପରେ ସେ ଭଗବାନ ବିଷ୍ଣୁଙ୍କ ଭକ୍ତିରେ ନିଜକୁ ସମର୍ପିତ କରିଦେଲେ ।

ସେ ସବୁ ଏକାଦଶୀରେ ଉପବାସ ରଖିଲେ ଏବଂ କାର୍ତ୍ତିକ ମାସରେ ସେ ସୂର୍ଯ୍ୟୋଦୟ ପୂର୍ବରୁ ନିୟମିତ ସ୍ନାନ କରି ଭଗବାନ ବିଷ୍ଣୁ ଏବଂ ତୁଳସୀଙ୍କୁ ପୂଜା କଲେ । ଦିନେ ଯେତେବେଳେ ବ୍ରାହ୍ମଣଙ୍କ ଝିଅ କାର୍ତ୍ତିକ ସ୍ନାନ ପାଇଁ ଗଙ୍ଗାରେ ବୁଡ଼ ପକାଇଲେ, ସେ ଜୁରରେ ଥରି ଥରି ଗଙ୍ଗା କୂଳରେ ମୃତ୍ୟୁବରଣ କଲେ । ଏହି ସମୟରେ ବିଷ୍ଣୁଲୋକରୁ ଏକ ବିମାନ ଆସିଲା ଏବଂ ବ୍ରାହ୍ମଣଙ୍କ ଝିଅର ଦିବ୍ୟ ଶରୀରକୁ ବିମାନରେ ବସେଇ ବିଷ୍ଣୁ ଲୋକ ଚାଲିଗଲା ।

ଯେତେବେଳେ ଭଗବାନ ବିଷ୍ଣୁ କୃଷ୍ଣ ଭାବରେ ଅବତାରିତ ହୋଇଥିଲେ, ସେତେବେଳେ ବ୍ରାହ୍ମଣଙ୍କ ଝିଅ ସତ୍ୟଭାମା ଭାବରେ ଜନ୍ମ ହେଲେ । କାର୍ତ୍ତିକ ମାସରେ ପ୍ରାପ୍ତ ସ୍ନାନ କରିଥିବାରୁ ସେ ଭଗବାନଙ୍କୁ ପତ୍ନୀ ଭାବେ ପାଇଲେ, ଦୀପ ଦାନ କରିଥିବାରୁ ସତ୍ୟଭାମା ସୁଖ ଏବଂ ଧନ ପ୍ରାପ୍ତ କଲେ । ତୁଳସୀଙ୍କୁ ନିୟମିତ ଭାବେ ଜଳ ଅର୍ପଣ କରି ଜଣେ ସୁନ୍ଦର ଉଦ୍ୟାନର ଆନନ୍ଦ ପାଇଲେ ।

କାର୍ତ୍ତିକ ସ୍ନାନର ବୈଜ୍ଞାନିକ କାରଣ

ଶରତ ପୂର୍ଣ୍ଣିମା ପରଠାରୁ କାର୍ତ୍ତିକ ମାସର ପ୍ରାପ୍ତ ସ୍ନାନ ଆରମ୍ଭ ହେବା ବିଧି ରହିଛି । ପୃଥିବୀର ପରିକ୍ରମଣ ଏବଂ ପରିକ୍ରମଣ ଗତି କାରଣରୁ ବର୍ଷକୁ ଦୁଇଥର ଏହା ସୂର୍ଯ୍ୟଙ୍କ ନିକଟତର ହୋଇଥାଏ । ଗ୍ରୀଷ୍ମ ଋତୁରେ ଏହାର ନିକଟତରତା ରସର ଶୋଷକ ହୋଇଥାଏ ଏବଂ ଶରତରେ ଏହାର ନିକଟତରତା ରସର ପୋଷକ ହୋଇଥାଏ ।

ଆୟୁର୍ବେଦରେ ଏହି ଅବଧିକୁ ଭିସର୍ଗ ଅବଧି କୁହାଯାଏ - ଅର୍ଥାତ୍ ଏଥିରେ ବାୟୁର ଶୁଷ୍କତା କମିଯାଏ ଏବଂ ଚନ୍ଦ୍ରର ଶକ୍ତି ବଢିଯାଏ । ସୂର୍ଯ୍ୟ ଦକ୍ଷିଣାୟନରେ ଥିବା କାରଣରୁ ଏହାର କିରଣ ଉତ୍ତର ଗୋଲାର୍ଦ୍ଧରେ ପଡେ, ଫଳରେ ଭାରତବର୍ଷ ସୂର୍ଯ୍ୟଙ୍କ ଠାରୁ ଦୂରେଇ ଯାଏ । ଫଳରେ ଏଠାରେ ଶୀତ ଅନୁଭୂତ ହୁଏ ।

ବର୍ଷା ଋତୁରେ ଶରୀର ବର୍ଷାକାଳୀନ ଶୀତରେ ଅଭ୍ୟସ୍ତ ହୋଇଥାଏ ଏବଂ ଯେତେବେଳେ ଶରତ ସୂର୍ଯ୍ୟଙ୍କ କିରଣ ହଠାତ୍ ଶରୀର ଉପରେ ପଡ଼େ, ଶରୀରର ଅଙ୍ଗଗୁଡ଼ିକ ଉତ୍ତେଜିତ ହୁଏ ଏବଂ ବର୍ଷା ସମୟରେ ଶରୀରରେ ଜମା ହୋଇଥିବା ପିତ୍ତ ଶରତରେ ବିକ୍ଷିପ୍ତ ହେବା ଆରମ୍ଭ ହୁଏ । ତେଣୁ ପ୍ରକୃତିର ଏହି ପରିବର୍ତ୍ତନକୁ ଦୃଷ୍ଟିରେ ରଖି ମଣିଷ ନିଜର ଖାଦ୍ୟ ଏବଂ ଅସ୍ୱାସ୍ଥ୍ୟକର ଅଭ୍ୟାସ ପ୍ରତି ଯତ୍ନବାନ ହେବା ଉଚିତ ।

ଭାରତୀୟ ସମାଜରେ କାର୍ତ୍ତିକ ମାସରେ ବ୍ରାହ୍ମ ମୁହୂର୍ତ୍ତରେ ଥଣ୍ଡା ପାଣିରେ ଗାଧୋଇବାର ପରମ୍ପରା ରହିଛି, ଯାହା ଶରତ ପୂର୍ଣ୍ଣିମା ପରେ ଆରମ୍ଭ ହୁଏ । ଆୟୁର୍ବେଦର ପ୍ରସିଦ୍ଧ ଗ୍ରନ୍ଥ 'ଚରକ ସଂହିତା'ରେ ଏହି ଜଳରେ ଶିଷଧିୟ ଗୁଣ ବଢିଯାଏ । କାରଣ ଦିନରେ ସୂର୍ଯ୍ୟ କିରଣ ଦ୍ୱାରା ଜଣ ଗରମ ହୁଏ ଏବଂ ରାତିରେ ଚନ୍ଦ୍ର କିରଣ ସ୍ପର୍ଶରେ ଜଳ ଥଣ୍ଡା ହୁଏ । ଫଳରେ ଏହି ପାଣିରେ ସ୍ନାନ କରିବା ହେତୁ ଶରୀରରେ ଥିବା ଅନଦଶ୍ୟକ ପିତ୍ତ ବା ଅନ୍ୟାନ୍ୟ ଆବର୍ଜନା ବାହାରି ଆସେ ଆଉ ଶରୀର ତିଟକାଇତ୍ ହୋଇଯାଏ ।



କଳା ତବାରେ ପ୍ୟାକେଟିଂ ହୋଇଆସୁଥିବା ଖାଦ୍ୟ ଖାଉଛନ୍ତି କି ?

ଜଳାଡ଼ବାରେ ପ୍ୟାକେଟିଂ ହୋଇ ଆସୁଥିବା ଖାଦ୍ୟ ଖାଉଥିଲେ ସାବଧାନ ! ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ହାନିକାରକ । କାରଣ ଏହି ବାହ୍ୟଗୁଡ଼ିକ ପ୍ଲାଷ୍ଟିକ୍ ରେଜିନ୍‌ରେ କାର୍ବନ କଳା ରଙ୍ଗ ମିଶ୍ରଣ କରି ତିଆରି କରାଯାଇଥାଏ...

ପ୍ରାୟ ଲୋକ ମୋବାଇଲରୁ ଫୁଡ୍ ଅର୍ଡର କରି ଖାଦ୍ୟ ଖାଉଛନ୍ତି । କିନ୍ତୁ ପ୍ୟାକେଟ ହୋଇ ତବାରେ ଆସୁଥିବା ଖାଦ୍ୟ ଯେ ସ୍ୱାସ୍ଥ୍ୟ ପ୍ରତି କେତେ କ୍ଷତିକାରକ ତାହା ଆପଣ ଜାଣିନଥିବେ । ଆଜ୍ଞା ହଁ , ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କଥାଟି ସମ୍ପୂର୍ଣ୍ଣ ରୂପେ ସତ ।

■ ସାଧାରଣତଃ ଖାଦ୍ୟ ପ୍ୟାକେଟିଂ ପାଇଁ ବ୍ୟବହୃତ ପ୍ଲାଷ୍ଟିକ୍ ବାହ୍ୟଗୁଡ଼ିକ ପ୍ଲାଷ୍ଟିକ୍ ରେଜିନ୍‌ରେ କାର୍ବନ କଳା ରଙ୍ଗ ମିଶ୍ରଣ କରି ତିଆରି କରାଯାଏ । ଏହି ରଙ୍ଗ ପ୍ଲାଷ୍ଟିକକୁ କଳା ରଙ୍ଗ ଦେଇଥାଏ । ତେଣୁ ଯେତେବେଳେ ଆମେ ଏହି ପାତ୍ରରେ ଖାଦ୍ୟ ଖାଉ, ସେତେବେଳେ ଏଥିରେ ଥିବା କିଛି ରାସାୟନିକ ପଦାର୍ଥ ଖାଦ୍ୟ ସହିତ ମିଶିଯାଏ ଏବଂ ଶରୀରରେ ପ୍ରବେଶ କରେ , ଯାହା ପରେ କ୍ଷତିକାରକ ହୋଇଥାଏ । ଏହି ପ୍ଲାଷ୍ଟିକ୍ ତବା ରେ ଅତ୍ୟଧିକ ଗରମ ଖାଦ୍ୟ ସଂରକ୍ଷଣ କରିବା କିମ୍ବା ମାଇକ୍ରୋଓ୍ୱେଭ୍‌ରେ ଗରମ କରିବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା ବଢ଼ିଯାଏ ।

■ ଏକ ଗବେଷଣାରୁ ଜଣାପଡ଼ିଛି ଯେ କଳା ପ୍ଲାଷ୍ଟିକରେ ଥିବା କାର୍ବନର କଳାରଙ୍ଗ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । କାର୍ବନ କଳା ପ୍ଲାଷ୍ଟିକରେ ଥିବା ପଲିସାଇକ୍ଲିକ୍ ଅରୋମାଟିକ୍ ହାଇଡ୍ରୋକାର୍ବନକୁ ଇଣ୍ଟରନ୍ୟାସନାଲ୍ ଏଜେନ୍ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନସର ଦ୍ୱାରା କର୍କଟ ରୋଗ ସୃଷ୍ଟିକାରୀ ବୋଲି କୁହାଯାଇଛି, ଯାହା କର୍କଟ ରୋଗର ବିପଦ ସୃଷ୍ଟି କରେ । କେବଳ ଏତିକି ନୁହେଁ ଏହା ଶ୍ୱାସକ୍ରିୟା ସମସ୍ୟା ମଧ୍ୟ ସୃଷ୍ଟି କରିପାରେ । ଯଦି ଆପଣ ମଧ୍ୟ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ଯେଉଁମାନେ ପ୍ରାୟତଃ ଏହି ଜଳାଡ଼ବାରେ ଖାଦ୍ୟ ଖାଆନ୍ତି, ତେବେ ଆଜି ହିଁ ଏହି ଅଭ୍ୟାସକୁ ପରିବର୍ତ୍ତନ କରନ୍ତୁ ।

■ କଳା ପ୍ଲାଷ୍ଟିକରେ ଅନେକ କ୍ଷତିକାରକ ରାସାୟନିକ ପଦାର୍ଥ ଥାଏ । ଏହି ବିପଦପୂର୍ଣ୍ଣ ରାସାୟନିକ ପଦାର୍ଥ ମଧ୍ୟରୁ ଗୋଟିଏ ହେଉଛି 'ଏଣ୍ଡୋକ୍ରାଇନ୍ ଡିସପ୍ରେଟିଂ' ଯାହା ମଣିଷ ଶରୀର ପାଇଁ ବିଷ ସଦୃଶ । କାରଣ ଏହା ଆମ ଶରୀରରେ ପ୍ରବେଶ କରି ହରମୋନ୍ ସନ୍ତୁଳନକୁ ବ୍ୟାଘାତ କରେ , ହରମୋନକୁ ଖରାପ କରିଥାଏ । ତେଣୁ ଦୀର୍ଘ ସମୟ ଧରି ଏହାକୁ ବ୍ୟବହାର କଲେ ଏଥିରେ ଥିବା ରାସାୟନିକ ପଦାର୍ଥ କର୍କଟ ରୋଗ ସୃଷ୍ଟି କରିପାରେ

ଡାଇମଣ୍ଡ ଡ୍ରେସ୍ ପିନ୍ଧି ଚମକିଲେ ଐଶ୍ୱର୍ଯ୍ୟା

ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ବଲିଉଡର ସବୁଠାରୁ ସୁନ୍ଦରୀ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ । ଦେଶ ଏବଂ ବିଶ୍ୱରେ ତାଙ୍କର ଲକ୍ଷଲକ୍ଷ ପ୍ରଶଂସକ ଅଛନ୍ତି । ଐଶ୍ୱର୍ଯ୍ୟା ରାୟ ସମ୍ପ୍ରତି ପ୍ୟାରିସ୍ ଲୋରିଏଲ୍ ଫ୍ୟାସନ୍ ସପ୍ତାହ ୨୦୨୫ରେ ଯୋଗ ଦେଇଥିଲେ । ଅଭିନେତ୍ରୀ କିଛିଦିନ ହେବ ସୋସିଆଲ ମିଡିଆରେ ତାଙ୍କର ଅନେକ ଫଟୋ ସେୟାର କରିଛନ୍ତି । ପ୍ୟାରିସ୍ ଲୋରିଏଲ୍ ଫ୍ୟାସନ୍ ସପ୍ତାହ ୨୦୨୫ ରେ ଐଶ୍ୱର୍ଯ୍ୟା ରାମ୍ପ ଓ୍ୱାକ୍ ସମୟରେ ଏକ କଳାରଙ୍ଗର ପୋଷାକ ପିନ୍ଧିଥିବା ଦେଖିବାକୁ ମିଳିଥିଲା । ଏହି ପୋଷାକଟି ଦେଶ ବର୍ଚ୍ଚାର ପରିସରରେ ରହିଛି । ଏହାର ସ୍ୱତନ୍ତ୍ରତା ହେଉଛି ଏଥିରେ ମୂଲ୍ୟବାନ ହାରାଖଞ୍ଜା ଯାଇଛି । ଐଶ୍ୱର୍ଯ୍ୟାଙ୍କ ଏହି ପୋଷାକ ଲୋକପ୍ରିୟ ବଲିଉଡ୍ ଡିଜାଇନର୍ ମନୀଷ ମଲହୋତ୍ରାଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିଲା । କଳାରଙ୍ଗର ପୋଷାକ ସହିତ ହାରାଖଞ୍ଜିତ ପୋଷାକ ପିନ୍ଧା ଫଟୋକୁ ଐଶ୍ୱର୍ଯ୍ୟାଙ୍କ ପ୍ରଶଂସକମାନେ ଦେଶ ଭଲପାଇବା ଦେବା ସହିତ ନିଜନିଜ ଆକାଉଣ୍ଟରେ ବହୁମାତ୍ରାରେ ସେୟାର ବି କରୁଛନ୍ତି ।

ରିଲିଜ୍ ପୂର୍ବରୁ ଆଖି ବୁଜିଥିଲେ 'କାନ୍ତରା'ର ଅଭିନେତା

ରିଷଭ ସେଟ୍ଟାଙ୍କ 'କାନ୍ତାରା ଚାପ୍ତର ୧' ବଂଶ ଅଫିସରେ ଧମାଲ ମଚାଉଛି ଏବଂ କୋଟି କୋଟି ଟଙ୍କା ରୋଜଗାର କରୁଛି । ପୂର୍ବ ସିନେମା କାନ୍ତାରା ପରି ଚଳିତଥର ମଧ୍ୟ ସିନେମାର ମୁଖ୍ୟ ଅଭିନେତା ରିଷଭ ସେଟ୍ଟା ଦର୍ଶକଙ୍କୁ ନିଜ ଜୀବନ୍ତ ଅଭିନୟ ଦ୍ୱାରା ପ୍ରଭାବିତ କରିଛନ୍ତି । ଲୋକମାନେ ତାଙ୍କ ଅଭିନୟକୁ ପସନ୍ଦ କରିବା ସହ ଭୁରି ଭୁରି ପ୍ରଶଂସା ମଧ୍ୟ କରୁଛନ୍ତି । ରିଷଭଙ୍କ ସହ ଅନ୍ୟ କଳାକାରଙ୍କୁ ମଧ୍ୟ ପ୍ରଶଂସା କରାଯାଉଛି । ଖାସ୍ କରି ସିନେମାରେ ଛୋଟ ଛୋଟ କମେଡି ସିନକୁ ଦେଖି ମଧ୍ୟ ଦର୍ଶକ ଦଖ ବାଞ୍ଚ କରୁଛନ୍ତି । ମୁଭିରେ କମେଡିର ତଡ଼କା ଭଗାଇଥିବା ଅଭିନେତା ରାଜେଶ ପୁଜାରୀଙ୍କ ଅଭିନୟକୁ ଦେଖି ପ୍ରେକ୍ଷାଳୟରେ ସିନେପ୍ରେମୀ ଖୁବ୍ ହସିଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ସମସ୍ତଙ୍କୁ ହସାଇଥିବା ଏହି କଳାକାର ନିଜେ ଏହି ସିନେମାକୁ ଦେଖିପାରିଲେ ନାହିଁ କି ପ୍ରଶଂସାର ଫୁଲ ପିଞ୍ଚିପାରିଲେ ନାହିଁ । କାରଣ ସିନେମା ରିଲିଜ୍ ହେବା ପୂର୍ବରୁ ହିଁ ରାଜେଶ ଏ ଦୁନିଆକୁ ଅଲବିଦା କହିଥିଲେ । ଆଜ୍ଞା ହଁ ,କାନ୍ତାରା ସିନେମାରେ ଏକ ଜେଲ୍ ସିନ୍ ରହିଛି ଯେଉଁଠି ଅଭିନେତା ରାଜେଶଙ୍କ କମେଡି ଦର୍ଶକଙ୍କୁ ହସାଇ ହସାର ବେଦମ୍ କରିଥିଲା । କାନ୍ତାରାରେ 'ପେସ୍ପେ' ଭୂମିକାରେ ନଜର ଆସିଥିବା ଅଭିନେତା ସିନେପ୍ରେମୀଙ୍କୁ ସିନା ହସାଇବେଲେ କିନ୍ତୁ ନିଜ ଅଭିନୟ ଦେଖିବାକୁ ଏ ଦୁନିଆରେ ଆଉ ନାହାନ୍ତି । ୨୦୨୫ ମେ ମାସରେ ତାଙ୍କର ପରଲୋକ ହୋଇଯାଇଛି । ସୂଚନା ଅନୁସାରେ କାନ୍ତାରା ଚାପ୍ତର ୧ ର ସୁଟିଂ ସମୟରେ ଅନେକ ଅଭିନେତା ଏବଂ କ୍ରୁ ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ହୋଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ଥିଲେ ଅଭିନେତା ରାଜେଶ ପୁଜାରୀ । କିନ୍ତୁ ରାଜେଶ ଫିଲ୍ମ ସେଟରେ ମୃତ୍ୟୁବରଣ କରିନଥିଲେ । ସେ ୧୧ ମେ ୨୦୨୫ ରେ ଜଣେ ନିଜଟମ୍ବନ ବନ୍ଧୁଙ୍କ ବିବାହ ମେଉଡି ସମାରୋହରେ ଯୋଗ ଦେଇଥିଲେ । ସେଠାରେ ତାଙ୍କର ହୃଦଘାତ ହୋଇଥିଲା ଏବଂ ତାଙ୍କୁ ହସ୍ପିଟାଲରେ ମୃତ ଘୋଷଣା କରାଯାଇଥିଲା । ମତ୍ର ୩୪ ବର୍ଷ ବୟସରେ ସେ ଆରପାରିକୁ ଚାଲି ଯାଇଥିଲେ । ରାଜେଶ ତାଙ୍କର ପ୍ରଥମ ଏବଂ ସବୁଠାରୁ ଲୋକପ୍ରିୟ କନ୍ନଡ ଶୋ 'କମେଡି ଖଲାଡିଗାଲୁ'ର ଦ୍ୱିତୀୟ ସିଜିନ୍ ସହିତ ପରିଚିତି ହାସଲ କରିଥିଲେ । ରାଜେଶ ସିନା ଆଉ ଏ ଦୁନିଆରେ ନାହାନ୍ତି କିନ୍ତୁ ତାଙ୍କର ଅଭିନୟ ସବୁବେଳେ ଦର୍ଶକଙ୍କ ମନରେ ତାଙ୍କୁ ଜୀବନ୍ତ କରି ରଖିଥିବ ।

ଚୁମ୍ବନ ଦୃଶ୍ୟ ପାଇଁ ଅନେକ ଫିଲ୍ମ ଅଫର ଛାଡ଼ିଛନ୍ତି ସୋନମ

ଚୁମ୍ବନ ଦୃଶ୍ୟ ପାଇଁ ଅନେକ ବଲିଉଡ୍ ଫିଲ୍ମ ଅଫର୍ଗଛାଡ଼ିଛନ୍ତି ପଞ୍ଜାବୀ ଷ୍ଟାର ସୋନମ ବାଜୱା । ତେବେ ଆମ୍ଭ ବିଶ୍ୱାସ ନୁହେଁ, ଭୟ ଓ ନିଜ ଉପରେ ସନ୍ଦେହ ଯୋଗୁ ଏହି ନିଷ୍ପତ୍ତି ନେଇଥିଲେ ବୋଲି ସୋନମ କହିଛନ୍ତି । ପଞ୍ଜାବ ଦର୍ଶକ ପରଦାରେ ତାଙ୍କ ଅନ୍ତରଙ୍ଗ ଦୃଶ୍ୟକୁ ଜେମିତି ଗ୍ରହଣ କରିବେ, ସେହି ଚିନ୍ତାରେ ସୋନମ ଏ ନିଷ୍ପତ୍ତି ନେଇଥିଲେ । ପଞ୍ଜାବରେ ସୋନମ ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବେ ଖୁବ୍ ପରିଚିତ । ଏକ ଗଣମାଧ୍ୟମକୁ ସୋନମ କହିଛନ୍ତି, କ୍ୟାରିଅର ଆରମ୍ଭରେ ତାଙ୍କୁ ବଲିଉଡ୍ ଅଫର ମିଳିଥିଲା । ଏକାଧିକ ଫିଲ୍ମରେ ଚୁମ୍ବନ ଦୃଶ୍ୟ ଥିଲା ।

ପଞ୍ଜାବ ଏହାକୁ ଗ୍ରହଣ କରିବ ତ ? ପରିବାର ସହିତ ଫିଲ୍ମ ଦେଖିବା ମାନସିକତା ପଞ୍ଜାବୀଙ୍କର ଥିବାରୁ ସୋନମ ଫିଲ୍ମ ସାଇନ୍ କରିବାକୁ ଖୁବ୍ ଡରିଯାଇଥିଲେ । ନିଜ ପରିବାର କଥା ମଧ୍ୟ ସେ ଚିନ୍ତା କରିଥିଲେ । ଏଭଳି ଅନେକ ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ ତାଙ୍କ ମୁଣ୍ଡରେ ଥିଲା । କିନ୍ତୁ ମାତାପିତାଙ୍କ ସହ ଖୋଲା କଥା ହେବା ପରେ ସେମାନେ ରାଜି ହେଲେ । ଯଦି ଏହା ଫିଲ୍ମ ପାଇଁ କରିବାକୁ ପଡ଼ିବ, ତେବେ କିଛି ସମସ୍ୟା ନାହିଁ ବୋଲି ସେମାନେ ସୋନମଙ୍କୁ ଆଶ୍ୱସ୍ତ କଲେ । ଶେଷ ଥର ଅକ୍ଷୟ କୁମାରଙ୍କ 'ହାଉସ୍‌ଫୁଲ-୫'ରେ ପରନାକୁ ଆସିଥିଲେ ସୋନମ । ଆସନ୍ତା ୨୧ ତାରିଖରେ ତାଙ୍କ ଫିଲ୍ମ 'ଏକ୍ ଦିୱାନେ କୀ ଦିୱାନୀୟତ୍' ମୁକ୍ତିଲାଭ କରିବ, ଯାହାକୁ ସେ ଉତ୍ସାହର ସହ ଅପେକ୍ଷା କରିଛନ୍ତି ।

ଉତ୍କଳ ସମାଚାର

ସମ୍ପାଦକୀୟ...

ଗୁରୁବାର ୧୮ ଜୁନ୍ ୨୦୨୬

ଜଳବାୟୁର ଜାଲ

ଲୋ କକଥାରେ ଥିବା ସିଂହ ଆଉ ମୂଷା ଭିତରର ବନ୍ଧୁତା କଥାକୁ ସ୍ମରଣ କରନ୍ତୁ। ମନେଥିବ, ଥରେ କେମିତି ଶିକାରୀଟିଏ ଜଙ୍ଗଲରେ ଜାଲ ବିଛାଇ ଥିଲା ହରିଣ କି ଠେକୁଆଟିଏ ଧରିବାକୁ, କିନ୍ତୁ ଜାଲରେ ପଡ଼ିଗଲା ଜଙ୍ଗଲର ରାଜା ସିଂହ। ଆଉ ଏତିକି ବେଳେ ତାକୁ ସେଥିରୁ ଉଦ୍ଧାର କରିଥିଲା ତା'ର ମଇତ୍ର ମୂଷା- ଜାଲକୁ ନିଜର ତୀକ୍ଷ୍ଣ ଦାନ୍ତରେ ଟିକିଟିକି କରି କାଟି, ନୁହେଁକି ? କହିବା ବାହୁଲ୍ୟ, ଶିକାରୀର ଜାଲ ଯେଉଁ ସୂତାରେ ତିଆରି ହୋଇଥିଲା, ତାକୁ ମୂଷା ହୁଏତ କାଟି ଦେଇ ପାରିଥିଲା ; ଏବେ କିନ୍ତୁ ମଣିଷ ଜଙ୍ଗଲ ଧ୍ୱଂସ କରି ତା' ନିଜକୁ ଜଳବାୟୁର ଯେଉଁ ଜଟିଳ ଜାଲରେ ପକାଇ ଚାଲିଛି, ଖୁବ୍ ଶୀଘ୍ର ସେଭଳି ଧାରାରେ ଯଦି ପରିବର୍ତ୍ତନ ନ ଆଣେ, ତା'ହେଲେ ସ୍ୱୟଂ ମହାଦେବ ବି ତାକୁ ସେଥିରୁ ଉଦ୍ଧାର କରି ପାରିବେ ନାହିଁ- ସେଥିରେ ପଡ଼ି ଛଟପଟ ହୋଇ ଆଗାମୀ ପିଢ଼ି ଜୀବନ ନିର୍ବାହ କରିବାକୁ ବାଧ ହେବେ। କହିବାର ତାତ୍ପର୍ଯ୍ୟ- ବୁଧବାର ଦିନ ପ୍ରକାଶ ପାଇଛି ବିଶ୍ୱ ଜଳବାୟୁର ଅବସ୍ଥା ସମ୍ପର୍କିତ ରିପୋର୍ଟ- ଷ୍ଟେଟ୍ ଅଫ୍ ଦ ଗ୍ଲୋବାଲ୍ କ୍ଲାଇମେଟ୍ ୨୦୨୦। ରିପୋର୍ଟରେ ପ୍ରକାଶିତ ତଥ୍ୟ ଆଧାରରେ ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍ଓ) ଉଲ୍ଲେଖ କରିଛି ଯେ ଜଳବାୟୁ ପରିବର୍ତ୍ତନ ତା'ର ଅନବରତ ଯାତ୍ରାକୁ ଅବ୍ୟାହତ ରଖିଛି, ଯଦିଓ ଏ ଯାତ୍ରାର ବିବରଣୀ ରଖାଯିବା ୧୮୫୦ରୁ ଆରମ୍ଭ ହୋଇଛି, ପ୍ରତି ବର୍ଷ ତାପମାତ୍ରାର ପରିମାଣକୁ ରେକର୍ଡ କରି। ସମ୍ପ୍ରତି ପ୍ରକାଶିତ ରିପୋର୍ଟ ଦର୍ଶାଇଛି ଯେ ଯାତ୍ରାରମ୍ଭଠାରୁ ଅଦ୍ୟାବଧି ଯେତେ ବର୍ଷ ଅତିବାହିତ ହୋଇଛି, ସେଥି ମଧ୍ୟରେ ୨୦୨୦ ଦ୍ୱିତୀୟ ଥର ପାଇଁ ସର୍ବାଧିକ ଉତ୍ତପ୍ତ ବର୍ଷ ହୋଇଛି। ୨୦୧୧ରୁ ୨୦୨୦ ସର୍ବାଧିକ ଉତ୍ତପ୍ତ ଦଶନ୍ଧି ସାବ୍ୟସ୍ତ ହୋଇଥିବା ବେଳେ ୨୦୧୫ରୁ ଆରମ୍ଭ ହୋଇଥିବା ଅଧିକ ଉତ୍ତାପବିଶିଷ୍ଟ ବର୍ଷର ଯାତ୍ରା ୨୦୨୦ ପର୍ଯ୍ୟନ୍ତ ଲଗାତର ଛଅବର୍ଷ ବଜାୟ ରହି ଏକ ରେକର୍ଡ ସୃଷ୍ଟି ହୋଇଛି। ଏଠାରେ ସୂଚାଇ ଦେବା ପ୍ରାସଙ୍ଗିକ ହେବ ଯେ ଚଳିତ ବର୍ଷ ପ୍ରାୟ ଫେବ୍ରୁଆରୀ- ମାର୍ଚ୍ଚଠାରୁ ଅଗଷ୍ଟ-ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ କୋଭିଡ୍-୧୯ ମହାମାରୀର ପ୍ରସାରକୁ ରୋକିବା ପାଇଁ କେବଳ ଭାରତ ନୁହେଁ, ବିଶ୍ୱର ବହୁ ରାଷ୍ଟ୍ରରେ ଲକ୍‌ଡାଉନ୍, ସଟ୍‌ଡାଉନ୍ ଇତ୍ୟାଦି ଜାରି କରାଯିବା ଫଳରେ ଅର୍ଥନୈତିକ କାର୍ଯ୍ୟକଳାପ ବନ୍ଦ ରହିଥିଲା। ଏହାର ଅର୍ଥ, କଳକାରଖାନା, ଯାନବାହନ, ଏପରିକି ଲୋକମାନଙ୍କ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା, ଯାହା ସାଧାରଣତଃ ବାୟୁମଣ୍ଡଳକୁ ପ୍ରଦୂଷିତ କରିବାର କାରଣ ପାଲଟି ଥାଏ। ଏତଦ୍ ବ୍ୟତୀତ ପାଣିପାଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଏଲ୍ ନିନୋ ଏବଂ ଲା ନିନା ମଧ୍ୟରୁ ଚଳିତ ବର୍ଷ ଲା ନିନାର ପ୍ରଭାବ ଅଧିକ ଥିଲା, ଅର୍ଥାତ୍ ତାପମାତ୍ରାରେ ଶୀତଳତା ଅଧିକ ରହିଥିଲା। ତା' ସତ୍ତ୍ୱେ ୨୦୨୦ର ଜାନୁଆରୀରୁ ଅକ୍ଟୋବର ମାସ ମଧ୍ୟରେ ସମଗ୍ର ବିଶ୍ୱର ସର୍ବନିମ୍ନ ତାପମାତ୍ରା ରହିଥିଲା ୧.୨ ଡିଗ୍ରୀ ସେଲ୍‌ସିଅସ୍। ଏହା ଯେ ପ୍ରାକ୍-ଶିଳ୍ପ ସଭ୍ୟତା କାଳରେ ବିଶ୍ୱର ତାପମାତ୍ରାଠାରୁ ଅଧିକ, ତାହା ସମସ୍ତେ ଭଣା ଅଧିକେ ଜାଣନ୍ତି। ଏହା ମଧ୍ୟ ସମସ୍ତେ ଜାଣନ୍ତି ଯେ ଅଧିକ ବିପଦପୂର୍ଣ୍ଣ ଜଳବାୟୁଜନିତ ଅବସ୍ଥାକୁ ଆମନ୍ତ୍ରଣ କରିବା ପାଇଁ ବୈଜ୍ଞାନିକମାନେ ସତର୍କ କରାଇ ଦେଉଥିବା ୧.୫ ଡିଗ୍ରୀ ସେଲ୍‌ସିଅସ୍ ତାପମାତ୍ରାର ଏହା ଖୁବ୍ ନିକଟବର୍ତ୍ତୀ ଅବସ୍ଥାରେ ପହଂଚିଲାଣି। ଜଳବାୟୁ ଜାଲର କରାମତିର ଉଦାହରଣ ଭାବରେ ନିଆଯାଇପାରେ ଉପରୋକ୍ତ ବର୍ଷଗୁଡ଼ିକରେ ସଂଘଟିତ ଅତ୍ୟଧିକ ଉତ୍ତାପ, ବାଡ଼ବାଗ୍ନି ଏବଂ ବନ୍ୟାଗୁଡ଼ିକୁ ଯାହାସବୁ ବର୍ଷର ଭିନ୍ନ ଭିନ୍ନ ସମୟରେ ବିଶ୍ୱର ବିଭିନ୍ନ ଭାଗରେ ଘଟି ଅନେକ ଧନ ଜୀବନ ହାନିର କାରଣ ପାଲଟି ସାରିଛି। ଭାରତ ଏକ ଗ୍ରୀଷ୍ମପ୍ରଧାନ ଦେଶ। ତେଣୁ ଏଠାକାର ଜଳବାୟୁରେ ପ୍ରାୟ ବର୍ଷସାରା ଉଷ୍ଣତା ବଜାୟ ରହିଥାଏ। ତେବେ ଉପରବର୍ଣ୍ଣିତ ତଥ୍ୟସବୁକୁ ବିଚାରକୁ ନେଲେ ଅନାୟାସରେ କୁହାଯାଇ ପାରିବ ଯେ ବାୟୁମଣ୍ଡଳରେ ଅଧିକ ତାପମାତ୍ରା ଦେଶର ଜନଗୋଷ୍ଠୀଙ୍କଠାରୁ ଆରମ୍ଭ କରି ଅର୍ଥନୀତି ଏବଂ ଜୈବ ବିବିଧତା ଉପରେ ଭୟଙ୍କର ପ୍ରଭାବ ପକାଇବାର ସମ୍ଭାବନା ବହନ କରେ। ବୁଧବାର ଦିନ ଡବ୍ଲ୍ୟୁଏମ୍ଓର ସୂଚନା ସହିତ ତତ୍ପର ଦିନ ଲାନ୍‌ସେଟ୍ ଦ୍ୱାରା ପ୍ରକାଶିତ ସ୍ୱାସ୍ଥ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ରିପୋର୍ଟର ତଥ୍ୟକୁ ଦେଖିଲେ ଜଣାପଡ଼େ ଯେ ୨୦୧୯ରେ ଅତ୍ୟଧିକ ଉତ୍ତାପ ଯୋଗୁଁ ଦେଶର କର୍ମ କରିବାର ସମୟ ବା ଉତ୍ପାଦକତାରେ ସର୍ବାଧିକ କ୍ଷତି ଘଟିଛି। ଲାନ୍‌ସେଟ୍‌ର ହିସାବ ମୁତାବକ ଏହି ସମୟର ପରିମାଣ ହେଉଛି- ୧୧୮.୩ ବିଲିଅନ୍ ଶ୍ରମ ସମୟ। କେବଳ ଏତିକି ନୁହେଁ, ଏହି ବର୍ଷ ଭାରତର ବୟସ୍କ ନାଗରିକମାନେ ସବୁଠୁ ବେଶୀ ଆକ୍ରାନ୍ତ ହୋଇଛନ୍ତି ଉତ୍ତାପ ଦ୍ୱାରା ଏବଂ ଡବ୍ଲ୍ୟୁଏମ୍ଓର ରିପୋର୍ଟ ଅନୁସାରେ ଏହି ବର୍ଷ ଜୁନ୍ ମାସରେ ସଂଘଟିତ ଅମ୍ପାନ ବାତ୍ୟା ଯୋଗୁଁ ହାରାହାରି ୧୪ ବିଲିଅନ୍ ଡଲାର ମୂଲ୍ୟର ଆର୍ଥିକ କ୍ଷତି ଘଟିଛି। ଜଳବାୟୁ ପରିବର୍ତ୍ତନ ଓ ଏହାର ହାନିକାରକ ପ୍ରଭାବକୁ ନେଇ ଏହା ଭିତରେ ବେଶ୍ କିଛି ବର୍ଷ ହେବ ପରିବେଶବିତ୍ ଓ ପାଣିପାଗ ବିଜ୍ଞାନୀମାନେ ନିୟମିତ ବ୍ୟବଧାନରେ ସତର୍କ ବାଣୀ ଶୁଣାଇ ଆସୁଛନ୍ତି। ସେମାନଙ୍କର କଥାକୁ ପ୍ରମାଣିତ କରୁଛି ଉପରୋକ୍ତ ଦୁଇ ରିପୋର୍ଟ। ସମ୍ପ୍ରତି ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ଛଟପଟ ହେଉଥିବା ବେଳେ ଏହାକୁ ଏକ ପ୍ରକୃଷ୍ଟ ଅବସର ମନେକରି ରୋଗ ସହିତ ପରବର୍ତ୍ତୀ ପିଢ଼ିଙ୍କୁ ସମସ୍ତ ପ୍ରକାର ସଂକଟ ଓ ଦୁଃଖରୁ ମୁକ୍ତି ପ୍ରଦାନ କରିବା ନିମନ୍ତେ ଜଳବାୟୁ-ପ୍ରତିରୋଧୀ ଭବିଷ୍ୟତ ନିର୍ମାଣ କରିବାକୁ ଉଦ୍ୟମ କରିବା ଉଚିତ। ପ୍ୟାରିସ୍ ଜଳବାୟୁ ରାଜିନାମାକୁ ଏହା ଭିତରେ ପାଂଚବର୍ଷ ପୂରିବାକୁ ବସିଲାଣି। ସୁଖର କଥା ଯେ ଏହି ରାଜିନାମା ଅନୁସାରେ ଭାରତ ତା'ର ଲକ୍ଷ୍ୟ ହାସଲ କରିବା ପାଇଁ ଏକ କମିଟି ଗଠନ କରିଛି। ତେବେ ବିଶ୍ୱର ଅନ୍ୟ ରାଷ୍ଟ୍ରମାନେ ଯେ ପର୍ଯ୍ୟନ୍ତ ବାୟୁମଣ୍ଡଳକୁ ଅଙ୍ଗାରକ ଭଳି ବିଭିନ୍ନ ପ୍ରଦୂଷଣକାରୀ ଉପାଦାନଗୁଡ଼ିକର ନିର୍ଗମନର ମାତ୍ରାକୁ ହ୍ରାସ ନ କରିଛନ୍ତି, ସେ ଯାଏଁ ବିଶ୍ୱ ଜଳବାୟୁ ଅବସ୍ଥାରେ ପରିବର୍ତ୍ତନ ଦେଖା ଦେବାର ସମ୍ଭାବନା କ୍ଷୀଣ। ଅପର ପକ୍ଷରେ ଭାରତ ମଧ୍ୟ ଶକ୍ତି ନିମନ୍ତେ କୋଇଲା ଉପରେ ନିର୍ଭରଶୀଳତାକୁ ହ୍ରାସ କରିବା ସହିତ ଅନ୍ୟାନ୍ୟ ପ୍ରାକୃତିକ ସମ୍ବଳର ଉତ୍ସଗୁଡ଼ିକ ପ୍ରତି କ୍ଷତି ପହଂଚାଉ ଥିବା ପ୍ରକଳ୍ପଗୁଡ଼ିକରେ ପୁଞ୍ଜିନିବେଶ ବନ୍ଦ କରିବା ବିଧେୟ। ପରିବର୍ତ୍ତେ ଏହା ଜଳବାୟୁ-ପ୍ରତିରୋଧୀ ଭିତିଭୂମି ନିର୍ମାଣ, ସବୁଜ ପରିବହନ, ପରିପୋଷଣୀୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶର ପରିମାଣ ବୃଦ୍ଧି କରିବା ଆବଶ୍ୟକ। କେବଳ ଏତିକି ନୁହେଁ, ଏସବୁ ପ୍ରକଳ୍ପ ଯେପରି ଉପଯୁକ୍ତ ଭାବରେ କାର୍ଯ୍ୟକାରୀ ହେଉଛି, ତା' ଉପରେ ତୀକ୍ଷ୍ଣ ନଜର ରଖିବା ଅତ୍ୟାବଶ୍ୟକ। ସର୍ବୋପରି ୨୦୩୦ ସୁଦ୍ଧା ଭାରତ ତା'ର ଉଦ୍ଦେଶ୍ୟମୂଳକ ରାଷ୍ଟ୍ରୀୟ ପ୍ରତିଶ୍ରୁତିବଦ୍ଧ ଅବଦାନର ଲକ୍ଷ୍ୟ ହାସଲ କରିବା ନିମନ୍ତେ ଚେଷ୍ଟିତ ହେବା ଉଚିତ।

ଦୁର୍ନୀତିର ବ୍ୟବଚ୍ଛେଦ

କଳାହାଣ୍ଡିଜିଲ୍ଲା ଆଜି ସୁଦ୍ଧା ଅତ୍ୟନ୍ତ ଅନୁନ୍ନତ, ଯଦିଓ କେବିକେ ଯୋଜନାରେ ତିନି ବିଶେଷ ଅନୁନ୍ନତ ଜିଲ୍ଲା ଲାଭ କରିଥିବା ପ୍ରାୟ ୬୦୦୦ କୋଟି ଟଙ୍କାର ଅନୁଦାନରୁ ତା' ଠାରେ ମଧ୍ୟ ଏକ ବିପୁଳାଂଶ ପଡ଼ିଛି। ଏ ଯାବତ୍ ତମସା ନ ହଟିବାର କାରଣ ଶାଗୁଣାଙ୍କ ଭୋଜି ସରିନାହିଁ। ଏବଂ ଏଥିରେ ବିଶେଷ ଦୁର୍ଭାଗ୍ୟଟି ହେଲା ନବାଗତ ଆଇ.ଏ.ଏସ. ମଧ୍ୟ ଏହି ଭୋଜିର ଆକର୍ଷଣରୁ ବର୍ତ୍ତି ପାରୁ ନାହାନ୍ତି। ତ୍ରିପୁରା ଅଧିବାସୀ ଓ ଓଡ଼ିଶା କ୍ୟାଡରର ଯେଉଁ ତରୁଣ ଆଇ.ଏ.ଏସ. ଅଫିସର (୨୦୨୧ ବ୍ୟାଚ) ସଂପ୍ରତି ପୁନର୍ବାର ଚର୍ଚ୍ଚା ଓ ଖବରର ବିଷୟବସ୍ତୁ ପାଲଟିଛନ୍ତି ସେ ହେଉଛନ୍ତି ଧୀମାନ ଚକମା; ଯିଏ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ରେ ସବ-କଲେକ୍ ?ଟର ଭାବେ ତାଙ୍କ ପ୍ରଥମ ନିଯୁକ୍ତିର ସଂକ୍ଷିପ୍ତ କାର୍ଯ୍ୟକାଳ ମଧ୍ୟରେ ୧୦ ଲକ୍ଷ ଟଙ୍କା ଲାଂଚ ନେଉଥିବା ବେଳେ ଧରା ପଡ଼ି ଗିରଫ ହେବା ସହିତ ନିଲମ୍ବିତ ହୋଇଥିଲେ। ଠିକ୍ ବର୍ଷକ ପୂର୍ବରୁ, ଅର୍ଥାତ୍ ୨୦୨୫ ମସିହା, ଜୁନ୍ ମାସରେ ଏହି ଘଟଣା ଘଟିଥିଲା, ଯେଉଁ ମର୍ମରେ ଜଣେ ପ୍ରତିଭାବାନ୍ ତରୁଣ ବ୍ୟୁରୋକ୍ରାଟଙ୍କଠାରେ ଏତେ ଶୀଘ୍ର ଘଟିଥିବା ନୈତିକ ସ୍ଖଳନ ହେତୁ ଅସଂଖ୍ୟ ଲୋକ ମୁହ୍ୟମାନ ହୋଇଥିଲେ। ତେବେ, ବର୍ତ୍ତମାନ, ଅଧିକ ସଂଖ୍ୟକ ଲୋକ ବ୍ୟଥିତ ଓ ସେମାନଙ୍କ ଭ୍ରୂ ମଧ୍ୟ କୁଂଚିତ ଯେ ଏହି ମାମଲା ବିଚାରାଧୀନ ଥିବା ବେଳେ, ଜାମିନରେ ଖଲାସ ହୋଇଥିବା ଧୀମାନଙ୍କୁ ପୁନର୍ବାର ଚାକିରିରେ ବାହାଲ କରାଯାଇଛି, ଏବଂ ତାଙ୍କୁ ମିଳିଛି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଭଳି ଏକ ମହତ୍ତ୍ୱପୂର୍ଣ୍ଣ ବିଭାଗ। ଆମ ଦେଶରେ ଦୁର୍ନୀତିର ସର୍ବ-ବିଦ୍ୟମାନତା ପରିପ୍ରେକ୍ଷୀରେ ଶୀର୍ଷ ସ୍ତରରେ, ବିଶେଷ କରି ସର୍ବଭାରତୀୟ ପ୍ରଶାସନିକ ଅଧିକାରୀମାନଙ୍କ କ୍ଷେତ୍ରରେ, ପରିଦୃଷ୍ଟ ହେଉଥିବା ଦୁର୍ନୀତି ସଂଦର୍ଭରେ ଏକ କ୍ଷୁଦ୍ର ଆଲୋଚନା ଏଠାରେ ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ଧୀମାନ ଚକମାଙ୍କୁ ପୁନଃ-ଅବସ୍ଥାପିତ କରାଯିବା ବିଷୟରେ ରାଜ୍ୟ ସରକାର କହିଥାଆନ୍ତି ଯେ ଏହା ତାଙ୍କର ଦୋଷମୁକ୍ତ ହେବାର ପ୍ରମାଣ ନୁହେଁ। ବରଂ ତାଙ୍କ ମାମଲାର ବିଚାର ଓ ତଦନ୍ତ ଚାଲୁ ରହିବ। ତାଙ୍କୁ ଚାକିରିରେ ପୁନର୍ବାହାଲ କରାଯିବା ପଛରେ ନିହିତ କାରଣ ହେଉଛି ସମ୍ଭାବ୍ୟ ଦୀର୍ଘକାଳୀନ ନିଲମ୍ବନ ପ୍ରେକ୍ଷାପଟରେ ସେବା ବା 'ସର୍ଭିସ' ନିୟମରେ ଥିବା ପ୍ରାବଧାନ। କିନ୍ତୁ ପ୍ରଶ୍ନ ଉଠିଥାଏ ଯେ ଉଚ୍ଚ ପଦ ଓ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଆସୀନ କୌଣସି ଦୁର୍ନୀତି-ଅଭିଯୁକ୍ତଙ୍କ ଦ୍ୱାରା ତଦନ୍ତ କାର୍ଯ୍ୟ ପ୍ରଭାବିତ ହେବ ନାହିଁ ତ, ଯେତେବେଳେ ଆମ ତଦନ୍ତକାରୀ ସଂସ୍ଥାଗୁଡ଼ିକ କ୍ଷମତା ସମକ୍ଷରେ ନମନୀୟ ଓ ନତଜାନୁ ହୋଇ ରହିବାର ଧାରଣା ସୃଷ୍ଟି କରିଥାନ୍ତି ? ଦ୍ୱିତୀୟ ପ୍ରଶ୍ନ ହେଲା, ଲାଂଚ ନେଉଥିବା ସମୟରେ ହିଁ ଧରା ପଡ଼ିଥିବା କୌଣସି ନିମ୍ନ ପାହ୍ୟାର କର୍ମଚାରୀଙ୍କ ସକାଶେ ଏଭଳି ସୁଯୋଗ ଉପଲବ୍ଧ ହେବାର ସମ୍ଭାବନା ଥାଏ କି ? ଅନେକ ପର୍ଯ୍ୟବେକ୍ଷକ କହନ୍ତି ଯେ ସଂବିଧାନ ଦ୍ୱାରା ପ୍ରଦତ୍ତ ଏକ ସୁରକ୍ଷା କବଚ ହେତୁ ଦୁର୍ନୀତିଗ୍ରସ୍ତ ଆଇ.ଏ.ଏସ.ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବା ଦଣ୍ଡ ବିଧାନ କଷ୍ଟସାଧ୍ୟ ହୋଇଥାଏ। ସେହି ସାଞ୍ଜୁଟି ହେଉଛି ଏକ ନିୟମ ଯେ ସେମାନଙ୍କ ବିରୋଧରେ ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଲୋଡ଼ା କେନ୍ଦ୍ର ସରକାରଙ୍କ ଅନୁମୋଦନ। ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ରୀୟ ବ୍ୟୁରୋକ୍ରାଟମାନେ ଭିନ୍ନ ଭିନ୍ନ ରାଜ୍ୟରେ ଅବସ୍ଥାପିତ ହୋଇ ନିର୍ବିଘ୍ନରେ କାର୍ଯ୍ୟ ସଂପାଦନ କରନ୍ତୁ ବୋଲି ଏଭଳି ଏକ ନିୟମର ସୃଷ୍ଟି କରାଯାଇଥିଲା। ଏହା ମଧ୍ୟ ସତ ଯେ ଏହି ନିୟମ ହେତୁ ଅନେକ ଆଗ୍ରହୀ ଓ ଆଦର୍ଶବାଦୀ ଆଇ.ଏ.ଏସ. ଅଧିକାରୀ ନିର୍ଭୀକ ନିଷ୍ପତ୍ତି ନେବାର ସାହସ କରନ୍ତି, ଯଦ୍ୱାରା ଉନ୍ନତିମୂଳକ କାର୍ଯ୍ୟମାନ ହୋଇପାରିଥାଏ। କିନ୍ତୁ ବିଡ଼ମ୍ବନା ହେଲା, ଅନେକ ଦୁର୍ନୀତିଗ୍ରସ୍ତ ଆଇ.ଏ.ଏସ. ଅଧିକାରୀଙ୍କୁ ଏହା ନିରାପଦ ଆଶ୍ରୟ ମଧ୍ୟ ଦେଇଛି। ଏକ ଧାରଣା ରହିଛି ଯେ ଆପଣା ବୁନିଆଦିର ସଦସ୍ୟଙ୍କୁ ସୁରକ୍ଷା ଦେବାରେ ଆଇ.ଏ.ଏସ. ଲବି ହେଉଛି ଅନତିକ୍ରମ୍ୟ, ଯାହା ମଧ୍ୟ ଅସାମାନ୍ୟ ଭାବେ ପ୍ରଭାବଶାଳୀ। ତେଣୁ ଧୀମାନଙ୍କ ପୁନର୍ନିଯୁକ୍ତି ପଛରେ ଏହି ଲବିର ଚାପ ନେଇ ମଧ୍ୟ ସନ୍ଦେହ ଉପୁଜି ଥାଏ। ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ସଂଘଟିତ ହେଉଥିବା ଦୁର୍ନୀତିର ବ୍ୟବଚ୍ଛେଦ କରିଥିବା ଅନେକ ବିଶ୍ଳେଷକ ଏହାକୁ ସ୍ଥୂଳତଃ ଦୁଇ ଭାଗରେ ବିଭାଜିତ କରନ୍ତି; ପ୍ରଥମଟି ନକାରାତ୍ମକ, ଉଦାହରଣ ସ୍ୱରୂପ ଉତକୋଚ ନେଇ କୌଣସି ନିମ୍ନ ମାନର କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ କରିବା। ସେମାନଙ୍କ ମତରେ ନେତା-ଯନ୍ତ୍ରୀ-ଠିକାଦାରଙ୍କୁ ଘେନି ସୃଷ୍ଟି ହୋଇଥିବା ମଧୁ ଚନ୍ଦ୍ରିକା ଏହି ପର୍ଯ୍ୟାୟର ! କିନ୍ତୁ, ଅମଲା ବା ବ୍ୟୁରୋକ୍ରାଟମାନେ ପ୍ରାୟତଃ 'ସକାରାତ୍ମକ ଦୁର୍ନୀତି'ରେ ଲିପ୍ତ ରହନ୍ତି, ଯେମିତି କି କୌଣସି ସରକାରୀ ଆବାସ ଯୋଜନାରେ ଅନୁଦାନ ଯୋଗାଇ ଦେଇ ସେହି ଅର୍ଥରାଶିର କିଛି ଶତାଂଶ କାଟି ରଖିବା ; ଯେଉଁ କାରଣରୁ କେତେକ ବ୍ୟୁରୋକ୍ରାଟ ଏଭଳି ଅସାଧୁ ଉପାୟରେ ଆୟ ବହିର୍ଭୂତ ସଂପତ୍ତି ଆହରଣକୁ ନୀତି ବିରୁଦ୍ଧ ବା ନୈତିକତା ବିବର୍ଜିତ ବୋଲି ବିଚାର ମଧ୍ୟ କରନ୍ତି ନାହିଁ। ଏହି ସଂଦର୍ଭରେ ପ୍ରାୟ ଚାରି ଦଶନ୍ଧି ତଳେ ଆନ୍ଧ୍ରପ୍ରଦେଶର ଜଣେ ଅମଲାଙ୍କ ସ୍ୱଷ୍ଟୋକ୍ତି ସ୍ମରଣକୁ ଆସିଥାଏ, ଯିଏ ନିଜକୁ ଗାନ୍ଧୀଙ୍କ ଅନୁଗାମୀ ବୋଲି କହି ପ୍ରମାଣ ସ୍ୱରୂପ ଦର୍ଶାଇଥିଲେ ଯେ ଲାଂଚ ନେଇ ଯଦି ଦୈବାତ ସେ କାମଟି କରି ପାରନ୍ତି ନାହିଁ, ତେବେ ସେ ସେହି ଟଙ୍କାତକ ଫେରାଇ ଦିଅନ୍ତି। ସେହି ସମୟରେ ଏହି ହାସ୍ୟାସ୍ପଦ ବାହାସ୍ଫୋଟ ଖବରକାଗଜରେ ପ୍ରକାଶିତ ହୋଇ କୌତୂହଳ ସୃଷ୍ଟି କରିଥିଲା। କହିବା ବାହୁଲ୍ୟ ଯେ ଅନ୍ୟକୁ ଲାଭ ବା ଅନୁଦାନ ବା ଋଣର ବ୍ୟବସ୍ଥା କରାଇ ଦେଇ ସେହି ରାଶିର କିଛି ଶତାଂଶକୁ ପ୍ରାପ୍ୟ (ପୁରସ୍କାର) ବୋଲି ମନେ କରିବା ଦ୍ୱାରା ଦୁର୍ନୀତି ଯୌକ୍ତିକତା ଲାଭ କରିଥାଏ। ତା' ସହିତ ଏକ ଗ୍ଲାନିମୁକ୍ତ 'ଇକୋ ସିଷ୍ଟମ' ମଧ୍ୟ ତିଆରି ହୋଇଯାଏ। ଏମିତିରେ ତ ଭାରତୀୟମାନଙ୍କୁ ଅବଦମନ କରି ରଖିବା ସକାଶେ ବ୍ରିଟିସ ପରିକଳ୍ପିତ ପ୍ରଶାସନିକ ବ୍ୟବସ୍ଥା ସ୍ୱାଧୀନତୋତ୍ତର ଭାରତୀୟ ପ୍ରଶାସନକୁ ଗଡ଼ି ଆସିଥିବାରୁ ତା'ର ଗୁଣସୂତ୍ର ବଜାୟ ରହିଛି, ଯହିଁରୁ ଦୃଶ୍ୟମାନ ହୋଇଥାଏ ବ୍ୟୁରୋକ୍ରାସିର ସଂବେଦନଶୂନ୍ୟତା, କ୍ଷମତାର ଦୁରୁପଯୋଗ ଓ ଦୁର୍ନୀତି। କିନ୍ତୁ, ତହିଁରେ ସଂସ୍କାର ବା ସଂଶୋଧନ ଆଣିବାର କୌଣସି ପଥିକୃତ୍ ଉଦ୍ୟମ ମଧ୍ୟ ଦିଶି ନ ଥାଏ। ତାହା ହୋଇ ନ ଥିଲେ ଆଇ.ଏ.ଏସ. ଚାକିରିକୁ ପ୍ରବେଶ କରୁଥିବା ତରୁଣତରୁଣୀମାନଙ୍କ ପ୍ରଶିକ୍ଷଣ କେନ୍ଦ୍ର ଲାଲ ବାହାଦୁର ଶାସ୍ତ୍ରୀ ଏକାଡେମିରେ ସୁବ୍ୟବସ୍ଥିତ ଢଙ୍ଗରେ କ୍ଷମତାଦର୍ପୀ 'ଏଲିଟ୍=' ବା 'ବିଶେଷ ଅଧିକାରପ୍ରାପ୍ତ'ମାନଙ୍କୁ ଗଢ଼ା ଯାଆନ୍ତା ନାହିଁ, ଯେଉଁମାନେ ଇତର ଜନସାଧାରଣଙ୍କ ସେବା ସକାଶେ ତ ଅନୁଷ୍ଠାନରୁ ବାହାରନ୍ତି, ଅଥଚ ଆଦବକାଇଦା, ଉଚ୍ଚ ପ୍ରାଚୀର ଓ ସୁରକ୍ଷା କର୍ମଚାରୀ ବେଷ୍ଟିତ ବଳୟରେ ଅବସ୍ଥାନ କରି ସେମାନଙ୍କ ଠାରୁ ଦୂରେଇ ଯାଆନ୍ତି। ବିଖ୍ୟାତ 'ପଡକାଷ୍ଟର' ରାଜ ସାମାନିଙ୍କ ଏକ ସାକ୍ଷାତ୍ ?କାରରେ ବିଶିଷ୍ଟ 'ୟୁପିଏସସି' ଶିକ୍ଷକ ଅମିତ କିଲହର କହନ୍ତି ଯେ ଆଇ.ଏ.ଏସ. ଯୋଗ୍ୟତା ତାଲିକା ବାହାରିବା ମାତ୍ରକେ ଦୁର୍ନୀତି ଅତ୍ୟନ୍ତ ନିରୀହତାର ସହିତ ଏମାନଙ୍କ ନିକଟରେ ଉପସ୍ଥିତ ହୋଇଯାଏ ; ଯେତେବେଳେ ବିଭିନ୍ନ କୋଚିଂ ସେଟସରର ବିଜ୍ଞାପନ ସକାଶେ ମନୋନୀତ ପ୍ରାର୍ଥୀଙ୍କ ଫଟୋଟିମାନ ବଦଳରେ ବିପୁଳ ଅର୍ଥ ଦିଆଯାଏ। ଏହି କ୍ଷଣରେ ଅନେକ ନୀତିନିଷ୍ଠ ତରୁଣ ସେମାନଙ୍କ ଅଲକ୍ଷ୍ୟରେ ଦୁର୍ନୀତିର ପଙ୍କରେ ପାଦ ବୁଡ଼ାଇ ସାରିଥାଆନ୍ତି। ପରବର୍ତ୍ତୀ କାଳରେ ପଦର ଔଜ୍ଜ୍ୱଲ୍ୟ, କ୍ଷମତା-କେନ୍ଦ୍ର ସହିତ ସାମୀପ୍ୟ ଓ ବିତ୍ତଶାଳୀମାନଙ୍କ ଦ୍ୱାରା ଅନୁଗୃହୀତ ହେବାର ମାଦକତା ସେମାନଙ୍କ ମଧ୍ୟରୁ କେତେକଙ୍କୁ ମୋହଗ୍ରସ୍ତ କରି ପକାଏ। ଦୁର୍ନୀତିଗ୍ରସ୍ତ ଅମଲା-ରାଜନେତା ଓ ପୁଞ୍ଜିପତିମାନଙ୍କ ଦ୍ୱାରା ହେଉଥିବା ଦୁର୍ନୀତିକୁ ନେଇ ଲିଖିତ ପୁସ୍ତକର ନାମକୁ, ତେଣୁ, ସାମ୍ବାଦିକ ଜୋସି ଜୋସେଫ ରଖନ୍ତି 'ଦ ଫିଷ୍ଟ ଅଫ ଭଲଚର୍ସ', ଅର୍ଥାତ୍ ଶାଗୁଣାଙ୍କ ଭୋଜି। ଏହି ଭୋଜିରେ ମଢ଼ ରୂପେ ଦିଶନ୍ତି ଦରିଦ୍ର ଜନସାଧାରଣ, ଯେଉଁମାନଙ୍କ ସଂସାଧନ ଓ ଅଧିକାର ଏହି ପ୍ରକ୍ରିୟାରେ ଛିନ୍ନ ହୋଇ ଚାଲିଥାଏ। କଳାହାଣ୍ଡି ଜିଲ୍ଲା ଆଜି ସୁଦ୍ଧା ଅତ୍ୟନ୍ତ ଅନୁନ୍ନତ, ଯଦିଓ କେବିକେ ଯୋଜନାରେ ତିନି ବିଶେଷ ଅନୁନ୍ନତ ଜିଲ୍ଲା ଲାଭ କରିଥିବା ପ୍ରାୟ ୬୦୦୦ କୋଟି ଟଙ୍କାର ଅନୁଦାନରୁ ତା' ଠାରେ ମଧ୍ୟ ଏକ ବିପୁଳାଂଶ ପଡ଼ିଛି। ଏ ଯାବତ୍ ତମସା ନ ହଟିବାର କାରଣ ଶାଗୁଣାଙ୍କ ଭୋଜି ସରିନାହିଁ। ଏବଂ ଏଥିରେ ବିଶେଷ ଦୁର୍ଭାଗ୍ୟଟି ହେଲା ନବାଗତ ଆଇ.ଏ.ଏସ. ମଧ୍ୟ ଏହି ଭୋଜିର ଆକର୍ଷଣରୁ ବର୍ତ୍ତି ପାରୁ ନାହାନ୍ତି।

ଆଲୋକ ପଥର ଯାତ୍ରୀ

କିଶୋର ରାଓଙ୍କ ଅନୁରୋଧ ରକ୍ଷା କରି ମୁଁ ଟ୍ରଷ୍ଟିମାନଙ୍କର ତିନିଦିନିଆ କର୍ମଶାଳା ପରିଚାଳନା କରିଥିଲି। ଶେଷରେ ସେମାନଙ୍କୁ କର୍ଣ୍ଣାଟକ ବାହାରେ ଅନ୍ୟ ରାଜ୍ୟମାନଙ୍କରେ ଏଇଭଳି ସଂସ୍ଥାମାନ ଗଠନ କରିବା ପାଇଁ ଅନୁରୋଧ କରିଥିଲି। ହେଲେ କଥା ସେଇଠି ରହିଯାଇଥିଲା। ବାଙ୍ଗାଲୋରରେ ଘରୁ ଅଫିସ ଯିବା ରାସ୍ତାରେ ଆଖିରେ ପଡ଼େ 'କରୁଣାଶ୍ରୟ'। ମୁଁ ନିଜକୁ କହେ- ସଂସ୍ଥାଟିକୁ ଦେଖିବାକୁ ଯିବି ଦିନେ। ହେଲେ ସୁଯୋଗ ମିଳୁ ନ ଥିଲା। ହଠାତ୍ ଦିନେ ସେ ସୁଯୋଗ ମିଳିଗଲା। କରୁଣାଶ୍ରୟର ପ୍ରତିଷ୍ଠାତା କିଶୋର ରାଓଙ୍କର ଇ-ମେଲ୍‌ଟିଏ ପାଇଲି। କରୁଣାଶ୍ରୟର ଭବିଷ୍ୟତ ସଂଯୋଜନା ନେଇ ସେ ଗୋଟିଏ 'ଭିଜନ୍' କାର୍ଯ୍ୟଶାଳା କରିବାକୁ ଚାହୁଁଛନ୍ତି। ଏହି କାର୍ଯ୍ୟଶାଳାଟି ପରିଚାଳନା କରିବା ପାଇଁ ମୋତେ ଅନୁରୋଧ କରି ସେ ଇ-ମେଲ୍‌ଟି ଲେଖିଥିଲେ। କିଶୋର ରାଓଙ୍କ ସହିତ ମୋର ବ୍ୟକ୍ତିଗତ ପରିଚୟ ନ ଥିଲା। କିନ୍ତୁ କ୍ୟାନ୍‌ସର ରୋଗୀମାନଙ୍କର ଶେଷାବସ୍ଥାରେ ତାଙ୍କ ସଂସ୍ଥା କିଭଳି ସେବା ଦିଏ, ସେ ସମ୍ପର୍କରେ ବାଙ୍ଗାଲୋରରେ ଅନେକ ଜାଣନ୍ତି। ମୁଁ ମଧ୍ୟ ଶୁଣିଥିଲି। ୧୯୯୪ ମସିହାରେ କିଶୋର ରାଓ ଓ ତାଙ୍କର ବନ୍ଧୁ ଗୁରମିତ ରନ୍ଧାୱା କ୍ୟାନ୍‌ସରର ଶେଷାବସ୍ଥାର ରୋଗୀମାନଙ୍କ ପାଇଁ ଗୋଟିଏ 'ହସ୍‌ପିସ୍' ଆରମ୍ଭ କରିଥିଲେ। ନାଁ ଦେଇଥିଲେ 'କରୁଣାଶ୍ରୟ'। ଦୁରାରୋଗ୍ୟ କ୍ୟାନ୍‌ସର ରୋଗୀମାନଙ୍କର ଯେତେବେଳେ ଅଧିକ ଚିକିତ୍ସା କରାଇବାର ସମ୍ଭାବନା ରହେ ନାହିଁ, ସେତେବେଳେ ସେମାନଙ୍କର ଶେଷାବସ୍ଥାର ଯନ୍ତ୍ରଣାର ଉପଶମ କରେ 'ହସ୍‌ପିସ୍'। ଏଇ ରୋଗୀମାନେ ଅକଳନୀୟ ଶାରୀରିକ, ମାନସିକ ଯନ୍ତ୍ରଣା ଦେଇ ଆସନ୍ନ ମୃତ୍ୟୁକୁ ଅପେକ୍ଷା କରିଥାଆନ୍ତି। କେତେକ କ୍ଷେତ୍ରରେ ଏ ଯନ୍ତ୍ରଣା ମାସ ମାସର; କେତେବେଳେ ପୁଣି କେଇ ଦିନର। ଯେହେତୁ ଚିକିତ୍ସା ପଥ ଶେଷ, ସେମାନେ ଡାକ୍ତରଖାନାରେ ରହିପାରନ୍ତି ନାହିଁ। ପରିବାରର ଲୋକମାନେ ଘରେ ରଖି ରୋଗୀର ଯନ୍ତ୍ରଣାର ଉପଶମ କରିପାରନ୍ତି ନାହିଁ। ଏହିପରି କଷ୍ଟ ପାଉଥିବା ବ୍ୟକ୍ତିମାନଙ୍କ ଆସନ୍ନ ଓ ଅନିବାର୍ଯ୍ୟ ମୃତ୍ୟୁର ଯାତ୍ରାପଥକୁ ଶାନ୍ତିପ୍ରଦ କରିଥାଆନ୍ତି ତାଲିମପ୍ରାପ୍ତ ହସ୍‌ପିସ୍‌ର କର୍ମଚାରୀ। ୧୯୬୭ ମସିହାରେ ଇଂଲାଣ୍ଡର ଜଣେ ନର୍ସ ଡେମ୍ ସିସେଲି ସଣ୍ଡର୍ସ ଏଭଳି ହସ୍‌ପିସ୍‌ର ପ୍ରଥମ ପରିକଳ୍ପନା କରିଥିଲେ। ଏବେ ବିଶ୍ୱର ବିଭିନ୍ନ ଉନ୍ନତ ଦେଶରେ ହସ୍‌ପିସ୍ ବିଷୟରେ ଅନେକ ଲୋକ ଜାଣନ୍ତି। କିନ୍ତୁ ଭାରତରେ ଅଧିକାଂଶଙ୍କର ଏ ବିଷୟରେ ଧାରଣା ନାହିଁ। ବାଙ୍ଗାଲୋରରେ ଏଇଭଳି ସଂସ୍ଥାଟିଏ ଆରମ୍ଭ କରିଥିଲେ କିଶୋର ଓ ଗୁରମିତ। କରୁଣାଶ୍ରୟ। କର୍ଣ୍ଣାଟକ ସରକାର ଜମି ଦେଇଥିଲେ। ବଦାନ୍ୟ ସଂସ୍ଥା ଓ ବ୍ୟକ୍ତିମାନଙ୍କ ସହାୟତାରେ ଗଢ଼ି ଉଠିଥିଲା ବିଶ୍ୱସ୍ତରୀୟ ଅନୁଷ୍ଠାନଟି। କିଶୋର ରାଓଙ୍କ ଅନୁରୋଧ ରକ୍ଷା କରି ମୁଁ ଟ୍ରଷ୍ଟିମାନଙ୍କର ତିନିଦିନିଆ କର୍ମଶାଳା ପରିଚାଳନା କରିଥିଲି। ଶେଷରେ ସେମାନଙ୍କୁ କର୍ଣ୍ଣାଟକ ବାହାରେ ଅନ୍ୟ ରାଜ୍ୟମାନଙ୍କରେ ଏଇଭଳି ସଂସ୍ଥାମାନ ଗଠନ କରିବା ପାଇଁ ଅନୁରୋଧ କରିଥିଲି। ହେଲେ କଥା ସେଇଠି ରହିଯାଇଥିଲା। ୨୦୧୬ରେ ମୁଁ ଓଡ଼ିଶା ଆସିଲି। ଦିନେ ଜଣେ ପରିଚିତ ଭଦ୍ରବ୍ୟକ୍ତି ମୋତେ ଫୋନ୍ କଲେ। ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍‌ପିଟାଲ୍‌ରେ ଜଣେ ଆତ୍ମୀୟଙ୍କ ପାଇଁ ବେଡ୍‌ଟିଏ ଦରକାର। କାହାକୁ କହି ମୁଁ ବେଡ୍ ?ଟିଏର ବ୍ୟବସ୍ଥା କରେଇ ଦେଇପାରିବି କି ? ମୁଁ ରୋଗୀଙ୍କ ବିଷୟରେ ପଚାରିଲି। ବୟସ ଅଶୀ, କ୍ୟାନ୍‌ସରର ଚତୁର୍ଥ ଷ୍ଟେଜ୍। ଡାଏବେଟିସ୍ ଓ ବ୍ଲଡ୍‌ପ୍ରେସର ମଧ୍ୟ ଅଛି। ଡାକ୍ତରମାନେ କହି ଦେଇଛନ୍ତି ଯେ ସେମାନଙ୍କର ଆଉ କିଛି କରିବାର ନାହିଁ। ଏଭଳି ରୋଗୀଙ୍କୁ ଗୋଟିଏ ବେଡ୍‌ରେ ରଖିବା ଅର୍ଥ ଅନ୍ୟ ଜଣେ ସମ୍ଭାବ୍ୟ କମ୍ ବୟସର ରୋଗୀକୁ ଚିକିତ୍ସାରୁ ବଂଚିତ କରିବା। ଦ୍ୱିତୀୟ ରୋଗୀଟି ହୁଏତ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରି ନିଜ ସଂସାର ଦାୟିତ୍ୱ ତୁଲାଇ ପାରିବ। ନୈତିକତା ଦୃଷ୍ଟିରୁ କ'ଣ ପ୍ରଥମ ରୋଗୀକୁ ତା'ହେଲେ ଗୋଟିଏ ବେଡ୍ ଦେବା ଉଚିତ ? କିନ୍ତୁ ଘରେ ପ୍ରଥମ ରୋଗୀଟିର ସେବା କରିବ କିଏ ? ଯନ୍ତ୍ରଣାର ଉପଶମ କ'ଣ ପରିବାରର ଲୋକ କରିପାରିବେ ? କଥାଟି ସେଦିନ ମୋତେ ଆନ୍ଦୋଳିତ କରିଥିଲା। ସହଧର୍ମିଣୀ ସୁସ୍ମିତାଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା କଲି। ଆମେ ଦୁଇ ଜଣ ସ୍ଥିର କଲୁ, କରୁଣାଶ୍ରୟକୁ ଓଡ଼ିଶା ଆସିବା ପାଇଁ ଅନୁରୋଧ କରିବୁ। ହେଲେ ଏଭଳି ସଂସ୍ଥା ସ୍ଥାପନ କରିବା ବହୁ ଖର୍ଚ୍ଚ-ସାପେକ୍ଷ। ହସ୍‌ପିସ୍ ନିର୍ମାଣର ଖର୍ଚ୍ଚ ତ ରହିଛି। ତା' ସହିତ ଯୋଡ଼ି ହୋଇଯାଏ ରୋଗୀର ଖର୍ଚ୍ଚ। ହାରାହାରି ୧୪ ଦିନର ରହଣି, ପଥ୍ୟ, ଚିକିତ୍ସା ପାଇଁ ଜଣେ ରୋଗୀର ଆବଶ୍ୟକ ପ୍ରାୟ ଚାଳିଶ ହଜାର ଟଙ୍କା। ଆନନ୍ଦର କଥା, ଟଙ୍କା ଏକାଠି ହେଲା। ଓଡ଼ିଶା ସରକାର ବିନା ମୂଲ୍ୟରେ ଜମି ଦେଇଦେଲେ। ଦୁଇ ବର୍ଷ ତଳେ ଭୁବନେଶ୍ୱର ଉପକଣ୍ଠରେ ଗଢ଼ିଉଠିଲା 'ବାଗ୍‌ଚୀ-କରୁଣାଶ୍ରୟ ପ୍ୟାଲିଏଟିଭ୍ କେଆର ସେଂଟର'। ୧୧୦ ଶଯ୍ୟା ବିଶିଷ୍ଟ ବିଶ୍ୱସ୍ତରୀୟ ହସ୍‌ପିସ୍‌ଟିଏ। ଶାନ୍ତ କମନୀୟ ପରିବେଶରେ ସବୁ ଦୁଃଖ ଯନ୍ତ୍ରଣାକୁ ଭୁଲାଇ ଦେବା ପରି ସୁନ୍ଦର ସ୍ଥାପତ୍ୟଟି ଆଜି ଆନ୍ତର୍ଜାତିକ ସ୍ତରରେ ପୁରସ୍କୃତ। ଏହି ସଂସ୍ଥାର ଡାକ୍ତର, ନର୍ସ, କାଉନ୍‌ସେଲରମାନେ କହନ୍ତି ଯେ ଶେଷ ଜୀବନର ସେବା ଉପଶମ ପାଇଁ ପ୍ରତ୍ୟେକଟି ବ୍ୟକ୍ତିଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହିତ ଦେଖିବାକୁ ହୋଇଥାଏ। ଜୀବନ ଓ ଆସନ୍ନ ମୃତ୍ୟୁ ମଝିରେ ଥିବା ଦିନଗୁଡ଼ିକ ଅତ୍ୟନ୍ତ ସମ୍ବେଦନଶୀଳ। ଆଶଙ୍କାମୁକ୍ତ ହୋଇ ପାର୍ଥିବ ଜଗତକୁ ବିଦାୟ ଦେବା ପାଇଁ ଶାରୀରିକ, ମାନସିକ ତଥା ଆଧ୍ୟାତ୍ମିକ ଶାନ୍ତି ଆବଶ୍ୟକ। ଏହିଭଳି ପରିବେଶ ସୃଷ୍ଟି କରିବା ପାଇଁ ଏହି ଅନୁଷ୍ଠାନର ସଦସ୍ୟମାନେ ପ୍ରତିଟି ରୋଗୀର ଜୀବନ କାହାଣୀ ଜାଣିବାକୁ ଚେଷ୍ଟା କରନ୍ତି। ଜାତି, ଧର୍ମ, ବର୍ଣ୍ଣ ତଥା ଆର୍ଥିକ-ସଂଗତି ନିର୍ବିଶେଷରେ ବିନା ମୂଲ୍ୟରେ ସେବା ପ୍ରଦାନ କରନ୍ତି। ଚେଷ୍ଟା କରନ୍ତି, ରୋଗୀମାନଙ୍କୁ ପାର୍ଥିବ ବନ୍ଧନରୁ ମୁକ୍ତ କରି ପ୍ରଶାନ୍ତ ମନରେ ପରବର୍ତ୍ତୀ ଯାତ୍ରା ପାଇଁ ପ୍ରସ୍ତୁତ କରିବାକୁ। ପ୍ରତିଷ୍ଠା ପରେ 'ବାଗ୍‌ଚୀ କରୁଣାଶ୍ରୟ'ର ସଦସ୍ୟମାନେ ଆଜି ପର୍ଯ୍ୟନ୍ତ ହଜାର ହଜାର ରୋଗୀଙ୍କ ଘରକୁ ଯାଇ ସେମାନଙ୍କର ଉପଚାର କରୁଛନ୍ତି, ଯନ୍ତ୍ରଣାର ଉପଶମ କରିଆସିଛନ୍ତି। ଏହାଛଡ଼ା ବାର ଶହ ରୋଗୀ ଏହି ହସ୍‌ପିସ୍‌ର ସୁନ୍ଦର ପରିବେଶରେ ରହି ସେମାନଙ୍କର ଶେଷ କେତୋଟି ଦିନ ଯନ୍ତ୍ରଣାମୁକ୍ତ ଭାବରେ ଓ ଶାନ୍ତିରେ କଟାଇ ପାରିଛନ୍ତି। କେବଳ ଭୁବନେଶ୍ୱର କଟକରୁ ନୁହଁ, କିଏ ଆସିଛି ସୁଦୂର ମାଳ ଅଂଚଳରୁ ତ କିଏ ପୁଣି ଆଖପାଖ ପ୍ରଦେଶରୁ। କିଛି ଦିନ ତଳେ ଏହିପରି ଜଣେ ବ୍ୟକ୍ତିଙ୍କ ଜୀବନର ଅସାଧାରଣ କାହାଣୀ ମୁଁ ଶୁଣିଲି। ସେତେବେଳେ ତାଙ୍କର ବୟସ ପଚାଶରୁ କମ୍। ବାପାମା' ଚାକିରି ସୂତ୍ରରେ କେରଳରୁ ଓଡ଼ିଶାକୁ ଆସିଥିଲେ। ବସବାସ କରି ରହିଗଲେ। ଧାର୍ମିକ ଖ୍ରୀଷ୍ଟିଆନ ପରିବାର। ଏବେ ବାପାମା' ଆଉ ନାହାନ୍ତି। ଭାଇଭଉଣୀମାନେ ପାଠଶାଠ ପଢ଼ି ନିଜ ନିଜ ସଂସାରରେ ବ୍ୟସ୍ତ। ଏହି ବ୍ୟକ୍ତି ଜଣକ କିନ୍ତୁ ସଂସାର ଗଢ଼ି ନ ଥିଲେ। ପିଲାଦିନରୁ ଚିତ୍ରକଳା ପ୍ରତି ଅନୁରକ୍ତି ଥିଲା। ତାକୁ ଇ ବୃତ୍ତି କରି ନେଇ ଏକା ରହୁଥିଲେ। ବିଭିନ୍ନ ଧର୍ମର ପୂଜାପାର୍ବଣ ପାଇଁ ମେଢ଼ ତିଆରି କରିବାରେ, ତାକୁ ସଜାଇବାରେ ଓ ଚିତ୍ର ଆଙ୍କିବାରେ ତାଙ୍କର ଜୀବନ ସୁନ୍ଦର ଭାବରେ କଟି ଯାଉଥିଲା। ଦିନେ ଜଣାପଡ଼ିଲା ତାଙ୍କର କ୍ୟାନ୍‌ସର। ଚାହୁଁ ଚାହୁଁ ଶେଷ ଅବସ୍ଥାରେ ପହଂଚିଗଲେ ସେ। ସେତିକି ବେଳେ ସେ ଆସି ପହଂଚିଥିଲେ 'ବାଗ୍‌ଚୀ-କରୁଣାଶ୍ରୟ'ରେ। ଜାଣି ପାରିଥିଲେ ଯେ ତାଙ୍କର ଜୀବନକାଳ ସମାପ୍ତ ହୋଇଆସୁଛି। ଗଭୀର ଅବସାଦରେ ବୁଡ଼ିଯାଇ ଚୁପ୍ ହୋଇଯାଇଥିଲେ ସେ। ନିଜ ଭିତରେ ରହୁଥିଲେ। ତାଙ୍କୁ ଅବସାଦମୁକ୍ତ କରିବା ପାଇଁ ନର୍ସମାନେ ଦିନେ ରଙ୍ଗତୁଳୀ ଆଣିଦେଲେ। ତା' ପରେ ଦେଖାଗଲା ଯେ ସେ କେବଳ ଶ୍ରୀମନ୍ଦିରର ଛବି ଆଙ୍କି ଚାଲିଛନ୍ତି। ହଠାତ୍ ଦିନେ ସେ ଗୋଟିଏ ଭଜନ ଶୁଣିବା ପାଇଁ ଚାହିଁଲେ। ଭଜନଟି ଏଇଭଳି : ''କାଳିଆରେ, ମନ ବୋଲି ତୋର କିଛି ନାହିଁ ମନକୁ ତୋହର ଗୋପ ଗଉଡୁଣୀ ରାଧିକା ଯାଇଛି ନେଇ'' ଇହ ଜୀବନର ସବୁ ଲୀଳା ଶେଷ ହୋଇଯିବ। କେତେ ଧର୍ମର, କେତେ ଦେବଦେବୀଙ୍କର ମଉଡ଼, ମେଢ଼ ତିଆରି କରିଥିବା, ଅଥଚ ନିଜେ କେବେହେଲେ ସିଂହଦ୍ୱାର ଅତିକ୍ରମ କରି ପାରି ନ ଥିବା ଖ୍ରୀଷ୍ଟିଆନ ଭକ୍ତଟି କହୁଛି, ଠାକୁର, ତୋର ମନ ବୋଲି କିଛି ନାହିଁ। ମନ ଥିଲେ ତୁ ନିଶ୍ଚୟ ମୋ ମନ କଥା ଜାଣିପାରନ୍ତୁ। ତାଙ୍କ ପାଇଁ ଭଜନର ବ୍ୟବସ୍ଥା କରାଗଲା। ଆଖି ବନ୍ଦ କରି ବିଭୋର ମନରେ ସେ ଭଜନଟି ଶୁଣିଲେ। ଆଖିରୁ ଧାର ଧାର ଲୁହ ବୋହିଗଲା। ଏ ଘଟଣାର ଅଳ୍ପ ଦିନ ଭିତରେ ସେ ଚିରଦିନ ପାଇଁ ଚାଲିଗଲେ ଆଲୋକ ପଥର ଯାତ୍ରୀ ହୋଇ।

ପ୍ରବାସୀ ଶ୍ରମିକଙ୍କ ସମସ୍ୟା ମୋଚନ

ଆମ ରାଜ୍ୟରେ ସାଧାରଣତଃ ଦୁଇ ଶ୍ରେଣୀର ପ୍ରବାସୀ ଶ୍ରମିକ ଅଛନ୍ତି। ଗୋଟିଏ ଶ୍ରେଣୀ ଅଧିକ ମଜୁରି ଓ ଭଲ ଚାକିରି ଆଶାରେ ଅନ୍ୟ ରାଜ୍ୟକୁ ଯାଆନ୍ତି ତ ଅନ୍ୟ ଶ୍ରେଣୀଟି ପରିସ୍ଥିତିଗତ ବାଧ୍ୟବାଧକତା ଓ ଉତ୍କଟ ଦାରିଦ୍ର୍ୟ କାରଣରୁ କାମଧନ୍ଦା ଲାଗି ଅନ୍ୟ ରାଜ୍ୟକୁ ଯାଆନ୍ତି। ଦେଖାଯାଇଛି ଯେ ଉପକୂଳ ଅଂଚଳର ଶ୍ରମିକମାନେ ଏକାକୀ ଏବଂ ପଶ୍ଚିମାଂଚଳର ଶ୍ରମିକମାନେ ସପରିବାର ପ୍ରବାସରେ ଯିବାକୁ ପସନ୍ଦ କରନ୍ତି। ପଶ୍ଚିମାଂଚଳର ଶ୍ରମିକମାନେ ପ୍ରାୟତଃ ନଭେମ୍ବରରୁ ଜୁନ୍ ମାସ ମଧ୍ୟରେ ବିଭିନ୍ନ ଋତୁଭିତିକ କାର୍ଯ୍ୟ ସକାଶେ ସାମୟିକ ଭାବେ ବାହାର ରାଜ୍ୟକୁ ଯାଉଥିବା ବେଳେ ଉପକୂଳବର୍ତୀ ଜିଲ୍ଲାର ଶ୍ରମିକମାନେ ଅନ୍ୟ ରାଜ୍ୟର ସଂଗଠିତ ଶିଳ୍ପ କିମ୍ବା କଳକାରଖାନାମାନଙ୍କରେ କାର୍ଯ୍ୟ କରନ୍ତି ଓ ବର୍ଷ ସାରା ସେମାନଙ୍କ ଯିବା ଆସିବା ଲାଗିଥାଏ। ଆମ ଦେଶର ସଂବିଧାନ ସମସ୍ତ ନାଗରିକଙ୍କୁ ଯେ କୌଣସି ରାଜ୍ୟରେ ବସବାସ ଓ କାର୍ଯ୍ୟ କରିବାର ଅଧିକାର ପ୍ରଦାନ କରିଛି; ମାତ୍ର ବାସ୍ତବରେ ଅନେକ ସମୟରେ ଶ୍ରମିକମାନେ ଅନ୍ୟ ରାଜ୍ୟରେ ହିଂସା, ନିର୍ଯାତନା ଓ ଶୋଷଣର ଶିକାର ହୁଅନ୍ତି। ଅବଶ୍ୟ, ପ୍ରବାସୀ ଶ୍ରମିକଙ୍କ ମଜୁରି, କଲ୍ୟାଣ ଓ ସାମାଜିକ ସୁରକ୍ଷା ଆଦି ସୁନିଶ୍ଚିତ କରିବା ନିମନ୍ତେ ଆମ ରାଜ୍ୟରେ ବିଭିନ୍ନ ଆଇନ ରହିଛି, ଯେମିତିକି ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଆଇନ, ୧୯୭୯; ସର୍ବନିମ୍ନ ମଜୁରି ଆଇନ, ୧୯୪୮; ଠିକା ଶ୍ରମିକ (ନିୟନ୍ତ୍ରଣ ଓ ଉଚ୍ଛେଦ) ଆଇନ, ୧୯୭୦; ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଆଇନ, ୨୦୦୮ ଇତ୍ୟାଦି। ପାଂଚ ଜଣ କିମ୍ବା ତା' ଠାରୁ ଅଧିକ ଶ୍ରମିକ କୌଣସି ସଂସ୍ଥା, ଠିକାଦାର, ଏଜେଂଟ ବା ସର୍ଦ୍ଦାରଙ୍କ ଦ୍ୱାରା ବାହାର ରାଜ୍ୟରେ ନିଯୁକ୍ତ ହୋଇଥିଲେ, ସେହି ସଂସ୍ଥା, ଠିକାଦାର, ଏଜେଂଟ ବା ସର୍ଦ୍ଦାରଙ୍କ ପ୍ରତି 'ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଆଇନ, ୧୯୭୯' ଲାଗୁ ହୋଇଥାଏ। ନିୟମ ଅଛି ଯେ ଶ୍ରମିକମାନେ କେବଳ ଲାଇସେନ୍‌ସ ପ୍ରାପ୍ତ ଠିକାଦାରମାନଙ୍କ ମାଧ୍ୟମରେ କାମ ଲାଗି ରାଜ୍ୟ ବାହାରକୁ ଯାଇପାରିବେ। ମାତ୍ର ବାସ୍ତବରେ ବହୁ କମ୍ ସଂଖ୍ୟକ ଶ୍ରମିକ ଏଭଳି କରନ୍ତି। ପ୍ରତି ବର୍ଷ ଅକ୍‌ଟୋବର-ନଭେମ୍ବର ମାସରେ କଣ୍ଟାବାଞ୍ଜି, ବଲାଙ୍ଗୀର, ବରଗଡ଼, କେସିଙ୍ଗା ଆଦି ରେଳ ଷ୍ଟେସନରେ ଶ୍ରମିକମାନଙ୍କର ପ୍ରବଳ ଭିଡ଼ରୁ ଏହା ସ୍ପଷ୍ଟ ହୋଇଥାଏ। ଆମ ରାଜ୍ୟରେ ଦାଦନ ଶ୍ରମିକ ପ୍ରବଣ ଜିଲ୍ଲାଗୁଡ଼ିକ ହେଲେ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ପୁରୀ। ତେବେ ନିର୍ଦ୍ଦିଷ୍ଟ ଭାବେ ବରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି ଓ ନୂଆପଡ଼ାର ଶ୍ରମିକମାନେ ଛଅ ମାସ କୃଷି କାର୍ଯ୍ୟରେ ଲିପ୍ତ ରହି ଅବଶିଷ୍ଟ ଛଅ ମାସ ବେକାର ବସନ୍ତି। ଏଭଳି ସ୍ଥଳେ ବିବାହ ବା ଶୁଦ୍ଧିକ୍ରିୟା ଭଳି ସାମାଜିକ ଅନୁଷ୍ଠାନ ବା କାର୍ଯ୍ୟ ଲାଗି ସେମାନେ ଦାରୁଣ ଭାବେ ଋଣଗ୍ରସ୍ତ ହୋଇପଡ଼ନ୍ତି, ଯହିଁରେ ଠିକାଦାର ଠାରୁ ନେଇଥିବା ବଇନା ବା ଅଗ୍ରିମ (ଦାଦନ) ଏକ ପ୍ରମୁଖ ଅଂଶ ହୋଇଥାଏ। ଏହା ବଦଳରେ ସେହି ଠିକାଦାର ମାର୍ଫତ୍‌ରେ ସେମାନେ ଖଟିବା ଲାଗି ଘରେ ତାଲା ପକାଇ ସପରିବାର ତେଲେଙ୍ଗାନା, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟକୁ ବାହାରିଯାଆନ୍ତି। ସୁତରାଂ, ଦାଦନ ଖଟିବା ହେଉଛି ଏକ ନିର୍ଦ୍ଦୟ ବାଧ୍ୟବାଧକତା। କରୋନା ମହାମାରୀ ଜନିତ ଲକ୍‌ଡାଉନ୍ ସମୟରେ ପ୍ରବାସୀ ଶ୍ରମିକମାନଙ୍କ ଅକଳ୍ପନୀୟ ଭାବେ ବିଶାଳ ସଂଖ୍ୟା ଦେଖି ଭାରତ ସରକାର ମଧ୍ୟ ତଟସ୍ଥ ହୋଇଯାଇଥିଲେ। ସେହି ସମୟରେ ସେମାନଙ୍କ ଦୁର୍ଦ୍ଦଶା ସର୍ବ ସମକ୍ଷରେ ପ୍ରାଂଜଳ ହୋଇ ଉଠିଥିଲା। କିନ୍ତୁ ବିଡ଼ମ୍ବନା ହେଲା ସେହି ସବୁ ସମସ୍ୟା ଏ ଯାବତ୍ ବଳବତର ରହିଛି, ଯାହାର ନିରାକରଣ ଯୁଦ୍ଧକାଳୀନ ଭିତିରେ କରାଯିବା ଜରୁରି। ଏଥି ଲାଗି ଶ୍ରମ ବିଭାଗର ଉଦ୍ୟମ ସହିତ ଲୋଡ଼ା ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ପ୍ରାଶାସନିକ ଆନ୍ତରିକତା, ଆନ୍ତଃବିଭାଗୀୟ ସମନ୍ୱୟ ଓ ସାମୂହିକ ପ୍ରଚେଷ୍ଟା। ଏହି ସଂଦର୍ଭରେ କେତେକ ପ୍ରସ୍ତାବ ଉପରେ ମଧ୍ୟ ଦୃଷ୍ଟିପାତ କରାଯାଇପାରେ। ପ୍ରଥମତଃ, ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରବାସୀ ଶ୍ରମିକମାନଙ୍କର ଜିଲ୍ଲାୱାରି ପୁଙ୍ଖାନୁପୁଙ୍ଖ 'ଡେଟାବେସ୍' ପ୍ରସ୍ତୁତ କରାଯାଉ, ଯହିଁରେ ସେମାନେ ଗ୍ରାମ ଓ ବ୍ଲକ୍ ଭିତିରେ ବର୍ଗୀକୃତ ହେବେ। ନିରନ୍ତର ଭାବେ ଏହାକୁ 'ଅପ୍‌ଡେଟ୍' କରାଯିବା ଆବଶ୍ୟକ। ପ୍ରବାସୀ ଶ୍ରମିକ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ବଜେଟର ବ୍ୟବସ୍ଥା ରହିବା ଆବଶ୍ୟକ। ପ୍ରବାସୀ ଶ୍ରମିକ ପ୍ରବଣ ଜିଲ୍ଲାମାନଙ୍କର ରେଳ ଷ୍ଟେସନ ଓ ବସ୍‌ଷ୍ଟାଣ୍ଡ ଉପରେ ନିଘା ରଖି ଶ୍ରମିକମାନଙ୍କୁ ସେମାନଙ୍କ ଅଧିକାର ବିଷୟରେ

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ଶୀତଳ ଷଷ୍ଠୀ ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି



ସମ୍ବଲପୁର,୧୭/୬(ନି/ପ୍ର): ଶୀତଳ ଷଷ୍ଠୀ ମହୋତ୍ସବ ୨୦୨୬କୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ପାଳନ ପାଇଁ ସମ୍ବଲପୁର ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା, ଟ୍ରାଫିକ୍, ଭିଡ଼ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ସୁବିଧା ନିମନ୍ତେ ସମସ୍ତ ଆବଶ୍ୟକ ବ୍ୟବସ୍ଥା କରାଯାଇଥିବା ନେଇ ଆଜି ଜିଲ୍ଲା ପୁଲିସ ଅଧୀକ୍ଷକ ମୁକେଶ ଭାମୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏସ୍ପିଙ୍କ ସୂଚନା ଅନୁଯାୟୀ, ଚଳିତ ବର୍ଷ ଜିଲ୍ଲାରେ ମୋଟ ୩୩ଟି ଶୀତଳ ଷଷ୍ଠୀ ବିବାହ ଶୋଭାଯାତ୍ରା ଆୟୋଜିତ ହେବ। ସେଥିମଧ୍ୟରୁ ୨୮ଟି ଶୋଭାଯାତ୍ରା ସମ୍ବଲପୁର ମହାନଗର ନିଗମ ଅଂଚଳରେ ଅନୁଷ୍ଠିତ ହେବ। ସମ୍ବଲପୁର ସହରରେ ୬ଟି ଭବ୍ୟ ବିବାହ ଶୋଭାଯାତ୍ରା ଓ ୧୨ଟି ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଆୟୋଜନ ହେବାକୁ ଥିବାବେଳେ ଏଥିରେ ଓଡ଼ିଶା ଓ ପଡ଼ୋଶୀ ରାଜ୍ୟର ବହୁ ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକ ସାମିଲ ହେବେ। ମହୋତ୍ସବର ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ମୁତୟନ ଯୋଜନା କରାଯାଇଛି। ଏଥିପାଇଁ ୭ ଜଣ ଅତିରିକ୍ତ ଏସ୍ପି, ୨୧ ଜଣ ଡିଏସ୍ପି, ୪୬ ଜଣ ଇନ୍ସପେକ୍ଟର, ୧୦୬ ଜଣ ଏସ୍ଆଇ/ଏଏସ୍ଆଇଙ୍କ ସହ ୮୦ ପ୍ଲାଟୁନ୍ ପୁଲିସ ବଳ ମୁତୟନ କରାଯାଇଛି। ଏହି ବଳରେ ହାବିଲଦାର, କନଷ୍ଟେବଳ, ମହିଳା କନଷ୍ଟେବଳ, ଟ୍ରାଫିକ୍ କନଷ୍ଟେବଳ ଓ ହୋମଗାର୍ଡ ସାମିଲ ଅଛନ୍ତି। ଆଇନ-ଶୃଙ୍ଖଳା ବଜାୟ ରଖିବା, ଭବ୍ୟ ଓ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ, ଅପରାଧ ଓ ଛିନତାଇ ରୋକିବା, ମହିଳା ଓ ଶିଶୁ ସୁରକ୍ଷା, ଜରୁରୀକାଳୀନ ସହାୟତା ଏବଂ ପୁଲିସ ସହାୟତା କେନ୍ଦ୍ର ମାଧ୍ୟମରେ ନିରନ୍ତର ନଜରଦାରୀ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଜନସାଧାରଣଙ୍କ ସୁବିଧା ପାଇଁ ବିସ୍ତୃତ ଟ୍ରାଫିକ୍ ଓ ପାର୍କିଂ ପରାମର୍ଶ ଜାରି କରାଯାଇଛି। ବିଭିନ୍ନ ଦିଗରୁ ଆସୁଥିବା ଯାନବାହନ ପାଇଁ ସ୍ୱତନ୍ତ୍ର ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଥିବାବେଳେ ଭକ୍ତମାନଙ୍କ ସୁବିଧା ପାଇଁ ତିନୋଟି ରୁଟ୍ରେ ମାଗଣା ସଟଲ୍ ବସ୍ ସେବା ଚଳାଚଳ କରିବ। ଜେଲ୍ ଛକ ନିକଟରେ ଯାନବାହନ ପାର୍କିଂ ନ କରିବାକୁ ଏବଂ କେବଳ ନିର୍ଦ୍ଧାରିତ ପାର୍କିଂ ସ୍ଥାନ ବ୍ୟବହାର କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଏହାଛଡ଼ା, ଜୁନ୍ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଶୋଭାଯାତ୍ରା ସମୟରେ ସମ୍ବଲପୁର ସହର ଭିତରେ ଚାରିଚକିଆ ଓ ଭାରୀ ଯାନବାହନ ଚଳାଚଳ ଉପରେ ନିୟନ୍ତ୍ରଣ ଲାଗୁ କରାଯିବ। ଏସ୍ପି ନାଗରିକ, ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ପୁଲିସ ସହ ସହଯୋଗ କରିବା, ଟ୍ରାଫିକ୍ ନିୟମ ମାନିବା, ନିଜ ମୂଲ୍ୟବାନ ସାମଗ୍ରୀର ସୁରକ୍ଷା କରିବା ଏବଂ କୌଣସି ଜରୁରୀକାଳୀନ ପରିସ୍ଥିତି, ସନ୍ଦେହଜନକ କାର୍ଯ୍ୟକଳାପ କିମ୍ବା ନିଖୋଜ ବ୍ୟକ୍ତି ସମ୍ପର୍କିତ ସୂଚନା ତୁରନ୍ତ ୧୧୨ କିମ୍ବା ଜିଲ୍ଲା ପୁଲିସ କଂଟ୍ରୋଲ ରୁମ୍ର ହେଲ୍ପଲାଇନ୍ ନମ୍ବର ୮୦୧୮୨୫୦୦୦୧ରେ ଜଣାଇବାକୁ ଅନୁରୋଧ କରିଛନ୍ତି। ସମ୍ବଲପୁର ପୁଲିସ ଶୀତଳ ଷଷ୍ଠୀ ମହୋତ୍ସବ-୨୦୨୬କୁ ସମସ୍ତ ଭକ୍ତ ଓ ପରିଦର୍ଶକଙ୍କ ପାଇଁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଏବଂ ସ୍ମରଣୀୟ କରିବା ପାଇଁ ପ୍ରତିବଦ୍ଧ ବୋଲି ଏସ୍ପି କହିଛନ୍ତି। ସେହିପରି ଏହା ପୂର୍ବରୁ ଶୀତଳ ଷଷ୍ଠୀ ମହୋତ୍ସବକୁ ଶୃଙ୍ଖଳିତ ଭାବେ କରିବା ପାଇଁ ବିଭିନ୍ନ ପୂଜା କମିଟି ସହ ଆଲୋଚନା କରିଥିଲେ। ଏହି ବୈଠକ ପୂର୍ବରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ଭାମୁ, ଅତିରିକ୍ତ ଏସ୍ପି, ଏସ୍ଡିପିଓ ଓ ବିଭିନ୍ନ ଥାନାର ଆଇଆଇସିମାନଙ୍କ ସହ ସମ୍ବଲପୁର ସହରର ଝାଡୁଆପଡ଼ା, ନନ୍ଦପଡ଼ା ଏବଂ ବଡ଼ବଜାର ଅଂଚଳ ପରିଦର୍ଶନ ମଧ୍ୟ କରିଥିଲେ। ଏହି ଅବସରରେ ଶୀତଳ ଷଷ୍ଠୀ କମିଟିର ସଦସ୍ୟମାନଙ୍କ ସହ ବୈଠକ କରାଯାଇ ମହୋତ୍ସବର ପ୍ରସ୍ତୁତି, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ମହୋତ୍ସବ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଭକ୍ତମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଓ ଯାତାୟାତକୁ ସୁବ୍ୟବସ୍ଥିତ ରଖିବା ଦିଗରେ ପୁଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିବା ଅଧିକାରୀମାନେ ସୂଚନା ଦେଇଥିଲେ।

ଝାରସୁଗୁଡ଼ା ପୌରାଚଂଳର ବିଏଲଓ ଓ ସୁପରଭାଇଜରମାନଙ୍କ କାର୍ଯ୍ୟ ସମୀକ୍ଷା କଲେ ଉପଜିଲ୍ଲାପାଳ

ଝାରସୁଗୁଡ଼ା,୧୭/୬(ନି/ପ୍ର): ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝାରସୁଗୁଡ଼ା ପୌରାଚଂଳର ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବିଏଲଓ ସୁପରଭାଇଜରମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଉପଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ସମୀକ୍ଷା କାଳରେ ଉପଜିଲ୍ଲାପାଳ ଶ୍ରୀ ପଣ୍ଡା ସମସ୍ତ ବିଏଲଓମାନଙ୍କୁ ନିଜ ନିଜ ଅଂଚଳରେ ଚାଲିଥିବା ଇଏଫ୍ ବିତରଣ କାର୍ଯ୍ୟକୁ ସୀମିତ ସମୟ ମଧ୍ୟରେ ଏବଂ ତୁରନ୍ତ ଶେଷ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଭୋଟର ତାଲିକା ସଂଶୋଧନ ଓ ନୂତନ ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ସହଜ କରିବା ପାଇଁ ସଂଗୃହିତ ହୋଇଥିବା ସମସ୍ତ ଫର୍ମଗୁଡ଼ିକୁ ସେହିଦିନ ହିଁ 'ବିଏଲଓ ଆପ୍' ମାଧ୍ୟମରେ ଡିଜିଟାଲାଇଜେସନ ବା ଅନ୍ଲାଇନ୍ ଅପ୍ଲୋଡ୍ କରିବାକୁ ସେ ପରାମର୍ଶ ଦେଇଛନ୍ତି। କାର୍ଯ୍ୟରେ କୌଣସି ପ୍ରକାରର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦେବା ସହ ସୁପରଭାଇଜରମାନେ ସମସ୍ତ ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜିଲ୍ଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ସମସ୍ତ ବୈଷୟିକ କାର୍ଯ୍ୟ ଶେଷ କରି ନିର୍ବାଚନ ମଣ୍ଡଳୀର ଭୋଟର ସେବାକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ ଜଣାଇଛନ୍ତି।

ସ୍ଥାୟୀ କୃଷି ମଡେଲ ଅନୁଧ୍ୟାନ ପାଇଁ ମହାରାଷ୍ଟ୍ର ପ୍ରତିନିଧି ଦଳର ଝାରସୁଗୁଡା ଗସ୍ତ

ଝାରସୁଗୁଡ଼ା,୧୭/୬(ନି/ପ୍ର): ସ୍ଥାୟୀ କୃଷି ଓ ଜୀବିକା ବିକାଶ କ୍ଷେତ୍ରରେ କାର୍ଯ୍ୟରତ ମହାରାଷ୍ଟ୍ରର ବିଆରଏଲଏଫ ସହଯୋଗୀ ସଂସ୍ଥାର ସଦସ୍ୟମାନେ ଏବଂ ବିଆରଏଲଏଫର ପ୍ରୋଗ୍ରାମ ଅଫିସର ଦେବ ପାଇକରାୟ ଏପିସି ପ୍ରକଳ୍ପ ମଡେଲର ଅନୁଧ୍ୟାନ ପାଇଁ ଝାରସୁଗୁଡା ଜିଲ୍ଲାର ସେଓ୍ୱା ଅନୁଷ୍ଠାନକୁ ଦୁଇ ଦିନିଆ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ପ୍ରତିନିଧି ଦଳ କୋଲାବିରା ବ୍ଲକର ଏସ୍. ପଣ୍ଡକିମାଲ ଓ କୁମୁରାଡ଼ିହି ଗ୍ରାମ ଗସ୍ତ କରି ପୋଟଳ ଟ୍ରେଲିସ କ୍ଲଷ୍ଟର, ସିଆରଏଲପି ଜଳସେଚନ ବ୍ୟବସ୍ଥା, ପିଜି ପ୍ରକ୍ରିୟା ଏବଂ ଜୈବ ସଂଶାଧନ କେନ୍ଦ୍ରର କାର୍ଯ୍ୟକଳାପ ଅବଲୋକନ କରିଥିଲେ। ସେହିପରି ଲଇକେରା ବ୍ଲକର ଅନ୍ଧାରୀମୁଣ୍ଡା, ବାବୁଛିପିଡିହି, ବାଇଗନବୁଡ଼ ଓ କଦୋଦରହ ଗ୍ରାମ ପରିଦର୍ଶନ କରି ଜୈବିକ ଚାଷ ଆଧାରିତ ଭେଣ୍ଡି ଓ ପୋଟଳ କ୍ଲଷ୍ଟର, ଏମଆରଏଲପି/ସିଆରଏଲପି ମଡେଲ, କାର୍ଯ୍ୟକ୍ଷମ ବାୟୋ-ଡାଇଜେଷ୍ଟର, ଗୋମୂତ୍ର ସଂଗ୍ରହ ପ୍ରଣାଳୀ, ସୌରଚାଳିତ ରିଙ୍ଗୱେଲ, ବ୍ୟବସାୟିକ ଚାଷ ଏବଂ ବିଆରଏଲଏଫ ସହାୟତାପ୍ରାପ୍ତ ବିଆରସି ପ୍ରଦର୍ଶନ କ୍ଷେତ୍ରର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ କୃଷକ ସମୂହ ଓ ସ୍ଥାୟୀ କୃଷି କ୍ଷେତ୍ରରେ ପାରସ୍ପରିକ ଜ୍ଞାନ ଓ ଅନୁଭବ ବିନିମୟର ଏକ ଉତମ ସୁଯୋଗ ସୃଷ୍ଟି କରିବ ବୋଲି ପ୍ରତିନିଧି ମଣ୍ଡଳୀ ମତ ପ୍ରକାଶ କରିଥିଲେ। ଏହି ଗସ୍ତକୁ ସଫଳ କରିବାରେ ସେଓ୍ୱା ଅନୁଷ୍ଠାନର କୃଷି ଉତ୍ପାଦନ ସମୂହ ପ୍ରକଳ୍ପ ଟିମ୍ ସକ୍ରିୟ ସହଯୋଗ ପ୍ରଦାନ କରିଥିଲା।

ଜୁନ ୨୫ରେ ଆଂଚଳିକସ୍ତରୀୟ ଡାକ ଅଦାଲତ

ସମ୍ବଲପୁର,୧୭/୬(ନି/ପ୍ର): ଭାରତୀୟ ଡାକ ବିଭାଗ ପକ୍ଷରୁ ସମ୍ବଲପୁର ଅଂଚଳର ଆଂଚଳିକ ସ୍ତରୀୟ ଡାକ ଅଦାଲତ ଆସନ୍ତା ୨୫ ଜୁନ ୨୦୨୬ ତାରିଖ ଗୁରୁବାର ସକାଳ ୧୧ଟାରେ ସମ୍ବଲପୁର ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଡାକସେବା ସମ୍ବନ୍ଧୀୟ ଅଭିଯୋଗ ଥିବା ଜନସାଧାରଣଙ୍କୁ ପ୍ରଥମେ ବିଭାଗୀୟ ସ୍ତରୀୟ ଡାକ ଅଦାଲତରେ ନିଜ ଅଭିଯୋଗ ଉପସ୍ଥାପନ କରିବାକୁ ପରାମର୍ଶ ଦିଆଯାଇଛି। ସେଠାରେ ସନ୍ତୋଷଜନକ ସମାଧାନ ନ ମିଳିଲେ, ସେମାନେ ଆଂଚଳିକ ସ୍ତରୀୟ ଡାକ ଅଦାଲତରେ ଅଭିଯୋଗ ଦାଖଲ କରିପାରିବେ। ଏହି ଅଦାଲତ ପାଇଁ ଡାକ କାରବାର ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକୁ ତିନୋଟି ପ୍ରତିଲିପିରେ ସମ୍ପୃକ୍ତ ବିଭାଗୀୟ ଡାକଅଧୀକ୍ଷକ କିମ୍ବା ସହକାରୀ ନିର୍ଦ୍ଦେଶକ (ଡାକ ସେବା), ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ, ସମ୍ବଲପୁର ୭୬୮୦୦୧ଙ୍କ ନିକଟକୁ ୨୦ ଜୁନ ୨୦୨୬ ସୁଦ୍ଧା ପଠାଇବାକୁ କୁହାଯାଇଛି।

ବିଦ୍ୟୁତ୍ ଆଘାତରେ ଦୁଇ ଯାଆଙ୍କ ମୃତ୍ୟୁ

ହିନ୍ଦୋଳ,୧୭/୬(ନି/ପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଥାନା ଅନ୍ତର୍ଗତ ରଞ୍ଜାଗୋଳ ଗ୍ରାମରେ ଗତକାଲି ରାତି ପ୍ରାୟ ୨ଟା ସମୟରେ ଦୁର୍ଭାଗ୍ୟଜନକ ଘଟଣା ଘଟିଛି। ଘରେ ଟଣାଯାଇଥିବା ବିଦ୍ୟୁତ୍ ସଂଯୋଗରେ ଝଟକା ଲାଗି ଦୁଇ ଯାଆଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ମନିଷା ଦେହୁରୀ (୪୦) ଏବଂ ରଞ୍ଜୁ ଦେହୁରୀ (୩୮)। ଘଟଣା ପରେ ଦୁଇ ମୃତଦେହକୁ ହିନ୍ଦୋଳ ମେଡିକାଲରେ ରଖାଯାଇଛି। ଶବ ବ୍ୟବଚ୍ଛେଦ ହେବା ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଆଉ ଜଣେ ତାଙ୍କର ସମ୍ପର୍କୀୟ ଖୁଡ଼ୀ ସାବିତ୍ରୀ ଦେହୁରୀ ଆହତ ହୋଇ ଖଜୁରିଆକଟା ମେଡିକାଲ୍ ରେ ଚିକିତ୍ସିତ ହେଉଛନ୍ତି। ହିନ୍ଦୋଳ ଥାନା ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ପୌରାଧ୍ୟକ୍ଷଙ୍କ ସପକ୍ଷରେ ଜନମତ, ଜିଲ୍ଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା,୧୭/୬(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ପୌରାଧ୍ୟକ୍ଷ ନିମାଇଁ ଚରଣ ପଣ୍ଡାଙ୍କ ବିରୋଧରେ ଆଣାଯାଇଥିବା ଅନାସ୍ଥା ପ୍ରସ୍ତାବ ଏବଂ ତାଙ୍କୁ ପଦବୀରୁ ହଟାଇବା ଉଦ୍ୟମକୁ ବିରୋଧ କରି ସ୍ଥାନୀୟ ଜନସାଧାରଣ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ବେଲପାହାଡ଼ ପୌର ପରିଷଦର ଅଧାରୁ ଅଧିକ କାଉନ୍ସିଲର ସମ୍ପ୍ରତି ପୌରାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ସହ ତାଙ୍କୁ ପଦରୁ ହଟାଇବା ଦାବିରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଏହାର ପ୍ରତିବାଦ ସ୍ୱରୂପ ଶୁକ୍ରବାର ବେଲ୍ପାହାଡ଼ର ବହୁ ସ୍ଥାନୀୟ ବାସିନ୍ଦା ଏକତ୍ରିତ ହୋଇ ପୌରାଧ୍ୟକ୍ଷଙ୍କ ସପକ୍ଷରେ ଦାବିପତ୍ର ଦେଇଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୨୦୨୨ ପୌର ନିର୍ବାଚନରେ ରେକର୍ଡ ସଂଖ୍ୟକ ଭୋଟରେ ବିଜୟୀ ହୋଇଥିବା ନିମାଇଁ ଚରଣ ପଣ୍ଡା ଦୀର୍ଘଦିନ ଧରି ଜଣେ ସକ୍ରିୟ ସାମାଜିକ କର୍ମୀ ଭାବେ ଅଂଚଳବାସୀଙ୍କ ସୁଖ-ଦୁଃଖର ସାଥୀ ରହିଆସିଛନ୍ତି। ପୌରାଧ୍ୟକ୍ଷ ଭାବେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ କୌଣସି ଦୁର୍ନୀତି ଅଭିଯୋଗ ସାମ୍ନାକୁ ଆସିନଥିବା ବେଳେ ଜନହିତକର କାର୍ଯ୍ୟ ଓ ସ୍ୱଚ୍ଛ ପ୍ରଶାସନ ଯୋଗୁଁ ସେ ସାଧାରଣ ଲୋକଙ୍କ ବିଶ୍ୱାସ ଅର୍ଜନ କରିଛନ୍ତି। ଦାବିପତ୍ରରେ ଆହୁରି ଅଭିଯୋଗ କରାଯାଇଛି ଯେ, କିଛି ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ଓ ବିରୋଧୀ ଶକ୍ତି ରାଜନୈତିକ ଉଦ୍ଦେଶ୍ୟରେ ପୌରାଧ୍ୟକ୍ଷଙ୍କୁ ପଦଚ୍ୟୁତ କରିବାକୁ ଚକ୍ରାନ୍ତ କରୁଛନ୍ତି। ଏପରି ପଦକ୍ଷେପ ନିଆଗଲେ ବେଲପାହାଡ଼ ଅଂଚଳର ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ସ୍ଥାନୀୟ ବାସିନ୍ଦାମାନେ ଆଶଙ୍କା ପ୍ରକାଶ କରିଛନ୍ତି। ବେଲପାହାଡ଼ ପୌର ପରିଷଦର ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି ପୌରାଧ୍ୟକ୍ଷଙ୍କୁ ତାଙ୍କ ଅବଶିଷ୍ଟ କାର୍ଯ୍ୟକାଳ ଶାନ୍ତିପୂର୍ଣ୍ଣ ଭାବେ ପୂରଣ କରିବାର ସୁଯୋଗ ଦେବାକୁ ସେମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଦୋଳମଣି କୁମ୍ଭାର, ବି.କେ. ପଟ୍ଟନାୟକ, ସନ୍ତୋଷିନୀ ପଟ୍ଟନାୟକ, ଅକ୍ଷୟ ସାହୁ, ଦିଲୀପ କୁମାର ପଟ୍ଟନାୟକଙ୍କ ସମେତ ଅଂଚଳର ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

ଜନଅଭିଯୋଗର ତୁରନ୍ତ ସମାଧାନ ଉପରେ ଗୁରୁତ୍ୱ : ଟାଉନ୍ ଥାନାରେ ଏସପିଙ୍କ ସମୀକ୍ଷା

ଝାରସୁଗୁଡ଼ା,୧୭/୬(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ପୋଲିସିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ସ୍ୱଚ୍ଛ ଏବଂ ଜନମୁଖୀ କରିବା ଲକ୍ଷ୍ୟରେ ଝାରସୁଗୁଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଶୁକ୍ରବାର ଟାଉନ୍ ଥାନାର ପରିଦର୍ଶନ କରି ସାମଗ୍ରିକ କାର୍ଯ୍ୟକଳାପର ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଏସପି ଥାନାର ବିଭିନ୍ନ ବିଭାଗ ବୁଲି ଦେଖିବା ସହ ମାଲଖାନା ପରିଚାଳନା, ବ୍ୟାଙ୍କ ୱାରେଂଟ କାର୍ଯ୍ୟକାରୀକରଣ, ରେକର୍ଡପତ୍ରର ସଠିକ୍ ରକ୍ଷଣାବେକ୍ଷଣ ଏବଂ ଅପରାଧ ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ଦୀର୍ଘଦିନ ଧରି ପଡ଼ି ରହିଥିବା ମାମଲାଗୁଡ଼ିକର ଶୀଘ୍ର ଫଇସଲା ଏବଂ ବିଚାରାଧୀନ ତଦନ୍ତକୁ ତ୍ୱରାନ୍ୱିତ କରିବାକୁ ସେ ଥାନାର ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଭ୍ୟାସଗତ ଅପରାଧୀଙ୍କ ଉପରେ କଡ଼ା ନଜର ରଖିବା ଏବଂ ୱାରେଂଟ କାର୍ଯ୍ୟକାରୀକରଣକୁ ଅଧିକ ଜୋରଦାର କରିବାକୁ ମଧ୍ୟ କହିଥିଲେ। ଏହି ଅବସରରେ ଏସପି ଶ୍ରୀ ରାଘବେନ୍ଦ୍ର କହିଥିଲେ ଯେ, ପୋଲିସ ବ୍ୟବସ୍ଥାରେ ବୃତିଗତ ମନୋଭାବ, ସ୍ୱଚ୍ଛତା ଓ ଜବାବଦେହିତା ଅତ୍ୟନ୍ତ ଜରୁରୀ। ଜନସାଧାରଣଙ୍କ ଅଭିଯୋଗକୁ ପ୍ରାଥମିକତା ଦେଇ ତୁରନ୍ତ ଶୁଣାଣି କରାଯିବା ସହ ପୋଲିସ ସର୍ବଦା ଲୋକଙ୍କ ସେବାରେ ନିୟୋଜିତ ରହିବା ଉଚିତ୍ ବୋଲି ସେ ମତ ପ୍ରକାଶ କରିଥିଲେ। ସମୀକ୍ଷା ବୈଠକରେ ଟାଉନ୍ ଥାନାର ସମସ୍ତ ବରିଷ୍ଠ ଅଧିକାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏସପିଙ୍କ ଏହି ପରିଦର୍ଶନ ପରେ ଅଂଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

ନବରଙ୍ଗପୁର ଜିଲ୍ଲା ସାମ୍ବାଦିକ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ

ଝରିଗାଁ,୧୭/୬(ନି/ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ବଡ଼ଟେମରା ପଂଚାୟତ ଅନ୍ତର୍ଗତ ଚନ୍ଦନଧାରା ପର୍ଯ୍ୟଟନ ସ୍ଥଳୀରେ ବୁଧବାର ଦିନ ନବରଙ୍ଗପୁର ଜିଲ୍ଲା ସାମ୍ବାଦିକ ୱେଲ ଫେୟାର ଟ୍ରଷ୍ଟ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝରିଗାଁ ବ୍ଲକ ସଭାପତି ସବ୍ୟସାଚୀ ଭରତିଆଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡ଼ଟେମରା ସରପଚଂ ଶ୍ରୀମତୀ ଯମୁନା ମୁଦୁଲି ଯୋଗଦେଇଥିବା ବେଳେ ଚନ୍ଦନଧାରା ୱେଲ ଫେୟାର ଟ୍ରଷ୍ଟର ସଭାପତି ରଜନୀକାନ୍ତ ପଟ୍ଟନାୟକ, ନବରଙ୍ଗପୁର ଜିଲ୍ଲା ମୂଳ ନିବାସୀ ଅନୁସୂଚିତ ଜାତିସଙ୍ଘର ଝରିଗାଁ ବ୍ଲକ ସଭାପତି ପ୍ରତାପ ଦୁରିଆ, ବଡ଼ଟେମରା ନାଏବ ସରପଚଂ ବିମଳା ମାଝୀ, ବଡ଼ଟେମରା ପଂଚାୟତର ସମାଜସେବୀ ଦେବିସିଂ ମୁଦୁଲି, ନବରଙ୍ଗପୁର ଜିଲ୍ଲା ସାମ୍ବାଦିକ ୱେଲ ଫେୟାର ଟ୍ରଷ୍ଟର ନିର୍ମାତା ହିମାଂଶୁ ଶେଖର ବାଗ, ସଂଗଠନର ସଭାପତି ଶେଖର ଖୁରା, ସାଧାରଣ ସମ୍ପାଦକ ଅଶୋକ ସାହୁ ପ୍ରମୁଖ ମଚାଂସିନ ରହିଥିଲେ। ପ୍ରଭୁ ଚନ୍ଦନେଶ୍ୱରଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସଙ୍ଘର ସଭାପତି ଶେଖର ଖୁରା ଅତିଥି ମାନଙ୍କ ପରିଚୟ ଦେବା ପରେ ସଙ୍ଘର ସଦସ୍ୟମାନେ ଅତିଥି ମାନଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣେଇଥିଲେ। ସଂଘର ବରିଷ୍ଠ କର୍ମକର୍ତ୍ତାମାନେ ସଂଗଠନ ଗଠନ କରିବାର ଉଦ୍ଦେଶ୍ୟ ଓ ମୂଳ ଲକ୍ଷ୍ୟ ବିଷୟରେ ବୁଝେଇବା ସହିତ ସାମ୍ବାଦିକ ମାନଙ୍କ ମୌଳିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଠିକ ସେହିପରି ବରେଣ୍ୟ ଅତିଥିମାନେ ମଧ୍ୟ ନିଜ ନିଜ ଅଭିଭାଷଣ ରଖିବାକୁ ଯାଇ ସମାଜରେ ସାମ୍ବାଦିକ ମାନଙ୍କ କର୍ତ୍ତବ୍ୟ, ସାମ୍ବାଦିକ, ଜନସାଧାରଣ, ଜନ ପ୍ରତିନିଧି ଓ ପ୍ରଶାସନ ସହିତ ସାମ୍ବାଦିକ ମାନଙ୍କ ସୁସମ୍ପର୍କ ସ୍ଥାପନ ଇତ୍ୟାଦି ବିଷୟରେ କହିଥିଲେ। ଶେଷରେ ଦୁଇଜଣ ସମାଜସେବୀ ରଜନୀକାନ୍ତ ପଟ୍ଟନାୟକ ଓ ନବରଙ୍ଗପୁର ଭାବେ ମାନପତ୍ର ପ୍ରଦାନ କରାଯାଇଥିଲା।

ଡେଙ୍ଗୁ ସଂକ୍ରମଣରେ ଚେନ୍ନାଇ ଫେରନ୍ତା ଯୁବକଙ୍କ ମୃତ୍ୟୁ

ବ୍ରଜରାଜନଗର,୧୭/୬(ନି/ପ୍ର): ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଡେଙ୍ଗୁ ସଂକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସଂକ୍ରମିତ ଯୁବକଜଣକ ଚେନ୍ନାଇରେ ରହି କାମ କରୁଥିଲେ ଓ ସେଠାରେ ସଂକ୍ରମିତ ହୋଇ ଫେରିଥିଲେ ମଧ୍ୟ ଏହା ଓଡ଼ିଶାର ସ୍ୱାସ୍ଥ୍ୟସେବା ପ୍ରତି ଏକ ବଡ଼ ଆହ୍ୱାନ ହୋଇ ଉଭା ହେବା ଆଶଙ୍କା ସୃଷ୍ଟି ହୋଇଛି। ସୂଚନାନୁସାରେ, ରାମପୁର ବିନାସୀପଡ଼ାର ଯୁବକ ସୁରଜ ପ୍ରଧାନ(୨୫)ଙ୍କର ଡେଙ୍ଗୁରେ ମୃତ୍ୟୁ ଘଟିଛି। ସେ ଗତ ୧ବର୍ଷ ହେବ ଚେନ୍ନାଇରେ ରହି କାମ କରୁଥିଲା। ଜ୍ୱର ଭଲ ନହେବାରୁ ଘରକୁ ଫେରୁଥିବା ସମୟରେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରରେ ଏକ ଘରେଇ ହସ୍ପିଟାଲ ରେ ଗତ ୩ତାରିଖରେ ଭର୍ତ୍ତି ହୋଇଥିଲା। ଚିକିତ୍ସିତ ଅବସ୍ଥାରେ ଗତ ୮ତାରିଖ ଦିନ ମୃତ୍ୟୁ ଘଟିଥିଲା। ଗତକାଲି (ମଙ୍ଗଳବାର) ଶବ ବ୍ରଜରାଜନଗର ପହଚିଂଥିଲା। ଏହାପରେ ପରିବାର ଲୋକ ଦାହ ସଂସ୍କାର କରିଛନ୍ତି। ଏସଂକ୍ରାନ୍ତ ରେ ଗତକାଲି ବିଳମ୍ବିତ ରାତ୍ରିରେ ଜଣା ପଡିଥିଲା। ଆଜି (ବୁଧବାର) ବ୍ରଜରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା ଜୟପ୍ରକାଶ ପ୍ରଧାନ ବିନାସୀପଡ଼ାରେ ପହଚିଂ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ କଥା ପଚାରି ବୁଝିଥିଲେ ଓ ମୃତକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ସୁରାଜର ଭାଇ କହିଛନ୍ତି, ସୁରାଜ ଗତ ଏକବର୍ଷ ହେବ ଘରକୁ ଆସିନଥିଲା। ଜ୍ୱର ସହିତ ମୁଣ୍ଡ ବିନ୍ଧା ହେବାରୁ ଔଷଧ ଖାଇ ମଧ୍ୟ ଭଲ ହୋଇନଥିଲା। ଶେଷରେ ଚିକିତ୍ସା ଉଦେଶ୍ୟରେ ଭୁବନେଶ୍ୱର ଆଣିଥିଲେ। ଭୁବନେଶ୍ୱରରେ ଆବଶ୍ୟକ ପରୀକ୍ଷଣ ପରେ ସୁରାଜକୁ ଡେଙ୍ଗୁ ହୋଇଥିବା ସ୍ପଷ୍ଟ ହୋଇଥିଲା।

କଂଗ୍ରେସର ସାଂଗଠନିକ ବୈଠକ

ଜୟପୁର,୧୭/୬(ନି/ପ୍ର): ଜୟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୋରିଗୁମ୍ମା ବ୍ଲକର ପୁରୁଣା ବୋରିଗୁମ୍ମା ଠାରେ କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉପସ୍ଥିତ ଥିଲେ। ଏହି ଅବସରରେ ପୁରୁଣା ବୋରିଗୁମ୍ମା ଅଂଚଳର କଂଗ୍ରେସ ନେତୃବୃନ୍ଦ, କର୍ମୀ, ଯୁବ ସାଥୀ ଓ ଶୁଭେଚ୍ଛୁମାନେ ବିଧାୟକ ବାହିନୀପତିଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ।

ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ରତୁସ୍ରାବ ସ୍ୱଚ୍ଛତା ଓ କିଶୋରୀ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହନ

ଝାରସୁଗୁଡ଼ା,୧୭/୬(ନି/ପ୍ର): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ସଂସ୍ଥା ବେଦାନ୍ତ ଆଲୁମିନିୟମ ଗୋଷ୍ଠୀ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁଣିଥରେ ପ୍ରମାଣିତ କରିଛି। ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାର ଜାମଖାନୀ, କୁରାଲୋଇ ଏବଂ ଘୋଗରପାଲି ଅଚଂଳରେ କମ୍ପାନୀ ପକ୍ଷରୁ ମାସିକ ଧର୍ମ (ରତୁସ୍ରାବ) ସ୍ୱଚ୍ଛତା ଏବଂ କିଶୋର ସ୍ୱାସ୍ଥ୍ୟକୁ ନେଇ ଏକ ସପ୍ତାହ ବ୍ୟାପୀ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସ୍ଥାନୀୟ ପ୍ରଶାସନ ଓ ଆଗଧାଡ଼ିର କର୍ମୀମାନଙ୍କ ସହଯୋଗରେ ଆୟୋଜିତ ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି— ରତୁସ୍ରାବ ସମୟରେ ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବା, ସ୍ୱଚ୍ଛତା ସାମଗ୍ରୀର ଉପଲବ୍ଧତା କରାଇବା ଏବଂ ସାମାଜିକ କଟକଣାକୁ ଭାଙ୍ଗି ଖୋଲାଖୋଲି ଆଲୋଚନାକୁ ପ୍ରୋତ୍ସାହିତ କରିବା। ଗ୍ରାମାଚଂଳରେ ରତୁସ୍ରାବକୁ ନେଇ ଏବେ ବି ଅନେକ ସାମାଜିକ କଳଙ୍କ ଓ ଭ୍ରାନ୍ତ ଧାରଣା ରହିଛି। ସ୍ୱଚ୍ଛତା ସମ୍ପର୍କରେ କମ୍ ସଚେତନତା ଏବଂ ସାନିଟାରୀ ସାମଗ୍ରୀର ଅଭାବ ଯୋଗୁଁ ଅନେକ କିଶୋରୀ ଓ ମହିଳା ଅସ୍ୱାସ୍ଥ୍ୟକର ଅଭ୍ୟାସର ଶିକାର ହେଉଛନ୍ତି, ଯାହା ସେମାନଙ୍କ ଦୈନନ୍ଦିନ ଜୀବନ ଉପରେ ଗଭୀର ପ୍ରଭାବ ପକାଉଛି।

ଶିଶୁ ଶ୍ରମିକ ନିରାକରଣ ପାଇଁ ରାଉରକେଲା ଶ୍ରମ ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା

ରାଉରକେଲା,୧୭/୬(ନି/ପ୍ର): ଶିଶୁ ଶ୍ରମିକ ନିରାକରଣ ପାଇଁ ରାଜ୍ୟ ଶ୍ରମ ବିଭାଗ ତଥା ରାଉରକେଲା ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆଜି ରାଉରକେଲା ରେଳଷ୍ଟେସନ୍ ନିକଟରୁ ବାହାରି ଉଦିତନଗର ଆମ୍ବେଦକର ଛକ ଦେଇ ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟରେ ପହଂଚିଥିଲା। ଶୋଭାଯାତ୍ରାରେ ଶିଶୁ ଶ୍ରମିକ ନିରାକରଣ ତଥା ସଚେତନତା ପାଇଁ ବିଭିନ୍ନ ପ୍ରକାରର ସ୍ଲୋଗାନ ଦିଆଯାଇଥିଲା। ଶିଶୁଙ୍କୁ ଶ୍ରମିକ ଭାବେ କାମରେ ନିୟୋଜିତ କରାଯାଉଥିବା ବ୍ୟକ୍ତି ସାବଧାନ ! ୧୪ ବର୍ଷରୁ କମ୍ ବୟସର ଶିଶୁକୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ ! ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାମରେ (ବୃତି ଓ ପ୍ରକ୍ରିୟା) ନିୟୋଜନକୁ ବାରଣ କରାଯାଉଛି । ଏପରି କାମ କରାଇଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡିବ। କେବଳ ଜୋରିମାନା ନୁହେଁ, ବରଂ ଶିଶୁଙ୍କୁ କୌଣସି କାର୍ଯ୍ୟରେ ଓ କିଶୋରଙ୍କୁ ବୃତି ପ୍ରକ୍ରିୟାରେ ନିୟୋଜନ କରୁଥିଲେ, ୨ ବର୍ଷ ଯାଏଁ କାରାଦଣ୍ଡରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି । ଏପରିକି ଉଭୟ ଜେଲଦଣ୍ଡ ଓ ଜୋରିମାନା ହୋଇପାରେ । ଏପରି ଭୁଲ ତୃତୀୟ ଥର ହେଲେ ୩ ବର୍ଷ ଯାଏଁ କାରାଦଣ୍ଡ ମଧ ହୋଇପାରେ ବୋଲି ସ୍ଲୋଗାନ ଦିଆଯାଇଥିଲା। ୧୪ ବର୍ଷରୁ କମ୍ ଶିଶୁକୁ କୌଣସି କାର୍ଯ୍ୟରେ ନିୟୋଜନ କରିବା ଏବଂ ୧୫ ବର୍ଷରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜନ କରିବା ଏକ ଧର୍ତବ୍ୟ ଅପରାଧ ବୋଲି ସ୍ଲୋଗାନ ଦିଆଯାଇଥିଲା। ଏଥିସହିତ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କୁହାଯାଇଥିଲା ଯେ, ଆପଣ ଜାଣିବାରେ ଯଦି କୌଣସି ବ୍ୟକ୍ତି ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ କାମରେ ନିୟୋଜିତ କରିଛନ୍ତି କିମ୍ବା ୧୫ ବର୍ଷରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ ବୃତ୍ତି ବା ପ୍ରକ୍ରିୟାରେ ନିୟୋଜନ କରିଛନ୍ତି ତେବେ ଅବିଳମ୍ବେ ନିଜ ଜିଲ୍ଲାର ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲ୍ଲାପାଳଙ୍କୁ ଅବଗତ କରାନ୍ତୁ। ଏତଦ୍ ବ୍ୟତୀତ, ନିଶୁଳ୍କ ଶ୍ରମିକ ସହାୟତା ହେଲପଲାଇନ ନଂ.୧୫୫୩୬୮ ଏବଂ ଚାଇଲ୍ଡ ଲାଇନ୍ ନଂ. ୧୦୯୮କୁ ଯୋଗାଯୋଗ କରିବାକୁ ସଚେତନତା ଶୋଭାଯାତ୍ରାରେ ଆହ୍ୱାନ ଦିଆଯାଇଥିଲା। ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭଗ ଓଡିଶା ସରକାରଙ୍କ ଦ୍ୱାରା ଶିଶୁ ଶ୍ରମ ମୁକ୍ତ ଓଡିଶା ଆମର ସଂକଳ୍ପ ବୋଲି ସଚେତନତା ଶୋଭାଯାତ୍ରାରେ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି।

ବସୁମତୀ ସ୍ନାନ ସହିତ ଶେଷ ହେଲା ରଜ ପର୍ବ :

ମା ଇନ୍ଦିରା ମହିଳା ସମିତି ପକ୍ଷରୁ ବସୁମତୀ ସ୍ନାନ

ରାଉରକେଲା,୧୭/୬(ନି/ପ୍ର): ଓଡିଆ ସଂସ୍କୃତି ଓ ପରମ୍ପରାର ପର୍ବ ରଜର ଚତୁର୍ଥ ଦିନରେ ବସୁମତୀ ସ୍ନାନ ସହିତ ଶେଷ ହେଲା ରଜପର୍ବ। ଏହି ଅବସରରେ ଆଜି ସିଭିଲ୍ ଟାଉନ୍ ସିପ୍ ସ୍ଥିତ ମା ଇନ୍ଦିରା ମହିଳା ସମିତିର ସମସ୍ତ ସଦସ୍ୟାମାନେ ସଭାପତି ପୁଷ୍ପା ଲେଙ୍କାଙ୍କ ଅଧ୍ୟକ୍ଷତାରେ ବସୁମତୀ ସ୍ନାନ କରିବା ପାଇଁ ପିଢା, ଶିଳପୁଆ, ଲୁହାର କଟୁରୀ ପ୍ରଭୃତି ରଖି ହଳଦୀ ପାଣିରେ ସେସବୁକୁ ସ୍ନାନ କରାଇବା ପରେ ଚନ୍ଦନ, ସିନ୍ଦୁର, ହଳଦୀ ଲଗାଇ ବସୁମାତା ଅର୍ଥାତ୍ ପୃଥିବୀ ମାତାଙ୍କୁ ସ୍ନାନ କରାଯାଇଥିଲା। ସ୍ନାନ ପରେ ଫୁଲ, ଦୀପ, ଧୂପ ପ୍ରଜ୍ୱଳନ କରାଯାଇ ପିଠା ଭୋଗ ସ୍ୱରୂପ ଅର୍ପଣ କରାଯାଇଥିଲା। ବସୁମତୀ ସ୍ନାନ ପୂଜାର୍ଚ୍ଚନାରେ ସହଯୋଗ କରି ସଞ୍ଜୁଲତା ଦାସ, ଲୀଳାବତୀ ସାହୁ, ସସ୍ମିତା ମହାନ୍ତି, ପ୍ରଭାତୀ ପରିଡା, ସୁଜାତା ପ୍ରଧାନ, ଇତି ଯେନା, ଅନୁରୂପା, ପୂଜା ନାୟକ ପ୍ରମୁଖ ବସୁମାତାଙ୍କୁ ପୃଥିବୀରୁ ଦୁଃଖ ଦୂର ହୋଇ, ପୃଥିବୀ ଶସ୍ୟ ଶ୍ୟାମଳାରେ ଭରପୂର ହେବା ସହିତ ମା ଇନ୍ଦିରା ମହିଳା ସମିତିକୁ ଜନହିତକର କାର୍ଯ୍ୟ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ।

ଗୋଷ୍ଠୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ : ଅନ୍ୟ ଜଣେ ଗୁରୁତର ଆହତ

ରାଉରକେଲା,୧୭/୬(ନି/ପ୍ର): ସେକ୍ଟର-୭ ପୋଲିସ ଥାନା ଅନ୍ତର୍ଗତ ଗୋଲଘର ନିକଟସ୍ଥ ନାରାୟଣୀ ବସ୍ତି ଅଚଂଳରେ ମଙ୍ଗଳବାର ଅପରାହ୍ନରେ ଘଟିଥିବା ଏକ ନୃଶଂସ ଗୋଷ୍ଠୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଏବଂ ଅନ୍ୟ ଜଣେ ଗୁରୁତର ଆହତ ହେବାକୁ ନେଇ ରାଉରକେଲା ସହରରେ ଉତ୍ତେଜନା ଦେଖାଦେଇଛି। ପ୍ରାଥମିକ ସୂଚନା ଅନୁସାରେ ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଖଣ୍ଡା ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଧରି କିଛି ଯୁବକ ତୋଫାନ ବିନ୍ଧାଣୀ ଏବଂ ଅନ୍ୟ ଜଣେ ଯୁବକ ଶୁଭେନ୍ଦୁ ସେଠୀଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି। ଆକ୍ରମଣରେ ଉଭୟ ପୀଡିତ ଗୁରୁତର ଆହତ ହୋଇଥିଲେ। ଆହତମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଇସ୍ପାତ ଜେନେରାଲ ହସ୍ପିଟାଲ (ଓଏଐ)କୁ ପଠାଯାଇଥିଲା। ସେଠାରେ ଡାକ୍ତରମାନେ ତୋଫାନ ବିନ୍ଧାଣୀଙ୍କୁ ମୃତ ଘୋଷଣା କରିଥିଲେ। ଦ୍ୱିତୀୟ ପୀଡିତ ଶୁଭେନ୍ଦୁ ଆଇଜିଏଚରେ ଚିକିତ୍ସାଧୀନ ଅଛନ୍ତି ଏବଂ ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଏହି ଘଟଣା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଛି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରି, ସ୍ଥାନୀୟ ଅଚଂଳର ବହୁ ସଂଖ୍ୟକ ଲୋକ ସେକ୍ଟର-୭ ପୋଲିସ ଷ୍ଟେସନରେ ଏକତ୍ରିତ ହୋଇ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ଆକ୍ରମଣରେ ସମ୍ପୃକ୍ତ ଲୋକଙ୍କୁ ଚିହ୍ନଟ ଏବଂ ଗିରଫ କରିବା ପାଇଁ ଚଢାଉ କରୁଛି। ତଦନ୍ତ ଜାରି ରହିଥିବାରୁ ଅଧିକ ବିବରଣୀ ଅପେକ୍ଷା କରାଯାଇଛି।

ବାସନ୍ତୀ ପାଠାଗାରରେ ‘ରଜ ଉତ୍ସବ ଓ ମଉଜ’ ପାଳନ

ରାଉରକେଲା,୧୭/୬(ନି/ପ୍ର): ସହରର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବାସନ୍ତୀ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସାଧାରଣ ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱ ଓ ବିଜୟିନୀ ଜେନାଙ୍କ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମହା ଆଡମ୍ବର ସହକାରେ ପାଳନ କରାଯାଇଥିଲା । ସାଧାରଣ ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ କରିବା ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ସଭାପତି ଇଂ. ସୁବାସ ମହାପାତ୍ର କାର୍ଯ୍ୟକ୍ରମର ପ୍ରାକ ସୂଚନା ଦେଇ ରାଜପର୍ବର ମହତ୍ୱ ବିଷୟରେ କହିଥିଲେ । ପରେ ପରେ ସୁବାସିନୀ ସାହୁ, ଗୀତାଞ୍ଜଳି ମହାରଣା, କବିତା ଦାଶ, ପ୍ରିୟା ପାତ୍ର, ପ୍ରିୟାଂଶି ନାୟକ, ସମୀକ୍ଷା ପାତ୍ର, ସମୃଦ୍ଧି ମହାରଣା, ଆରୋହୀ ଡୋଗ୍ରା, ଶ୍ରେୟାଂଶି ନାୟକ ନୃତ୍ୟ ପରିବେଷଣ କରିଥିଲେ । କବିତା ଦାଶ ରଜ ପର୍ବ ଶୀର୍ଷକ ଗଳ୍ପ ପାଠ କରିଥିଲେ। ସଂଯୁକ୍ତା ଦାଶ ଏବଂ ଯସ କୁମାର ରଜ ଉପରେ କବିତା କବିତା ପାଠ କରିଥିଲେ । ରଜ ଗୀତ ଏବଂ ଓଡ଼ିଆ ସଂସ୍କୃତି ଉପରେ ପ୍ରଶ୍ନ ଉତ୍ତର ତଥା କିଛି ହାସ୍ୟ କଥାର କାର୍ଯ୍ୟକ୍ରମ ଭିତରେ ଶ୍ରୋତାମାନେ ଝୁମି ଉଠିଥିଲେ । ଶେଷରେ କବିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ଥିଲେ।

ଅମାବାସ୍ୟାକୁ ନେଇ ସଙ୍କଟ ମୋଚନ ମନ୍ଦିରରେ ପ୍ରସାଦ ବଟଂନ କାର୍ଯ୍ୟକ୍ରମ

ରାଉରକେଲା,୧୭/୬(ନି/ପ୍ର): ଜୁନ୍ ୧୫ ତାରିଖ ସୋମବାର ସନ୍ଧ୍ୟା ୭ଟାରେ, ରାଉରକେଲା ରେଳ ଷ୍ଟେସନ ନିକଟରେ ଥିବା ସଙ୍କଟ ମୋଚନ ହନୁମାନ ମନ୍ଦିର ପରିସରରେ, ଶ୍ରୀ ନାରାୟଣୀ ନମୋଃ ନମୋଃ, ତତ୍ତ୍ୱାବଧାନରେ ଅମାବାସ୍ୟା ଦିନର ପବିତ୍ର ଅବସରରେ, ମାତାଙ୍କୁ ପ୍ରସାଦ ସ୍ୱରୂପ ଜଲେବି, ପୁରୀ, ଆଳୁ କଡ଼ି ଏବଂ ଆମ୍ବ ରସ ଅର୍ପଣ କରାଯାଇଥିଲା। ମାତାଙ୍କ ଇଚ୍ଛା ଅନୁଯାୟୀ ବଟଂନ କରାଯାଇଥିଲା। ସଙ୍କଟ ମୋଚନ ମନ୍ଦିରର ପୂଜକ ସୁଦାମା ପାଣ୍ଡେ ଏବଂ ବଡମା ପାଣ୍ଡେଙ୍କ ଦ୍ୱାରା ପୂଜା କରାଯାଇଥିଲା। ଏହି ବର୍ଷ ପ୍ରସାଦ ବାସନ୍ତୀ କଲୋନୀର ଶ୍ରୀମତୀ ବିନୋଦ ଏବଂ ଶ୍ରୀମତୀ ଲକ୍ଷ୍ମୀ ଦେବୀ ଅଗ୍ରୱାଲ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମାତା ଭକ୍ତ ଯୋଗ ଦେଇଥିଲେ ଏବଂ ରାଉରକେଲା ଷ୍ଟେସନ ପରିସରସ୍ଥିତ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ସମେତ ଶହ ଶହ ଭକ୍ତ ପ୍ରସାଦ ସେବନରେ ଅଂଶଗ୍ରହଣ କରିଥିଲେ। ନମୋଃ ନାରାୟଣୀ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସୂଚନା ଅନୁଯାୟୀ, କମିଟି ପ୍ରତ୍ୟେକ ଅମାବାସ୍ୟା ଦିନ ଭକ୍ତମାନଙ୍କ ମଧ୍ୟରେ ଦାଦିଙ୍କ ପ୍ରସାଦ ବଟଂନ କରିଥାଏ।

ଅଦିନେ ମଲ୍ଲୀ ମହକ :

ପ୍ରଫୁଲ୍ଲ କରଙ୍କ ସ୍ମୃତିରେ ଆୟୋଜିତ ସଙ୍ଗୀତ ସନ୍ଧ୍ୟା ରେ ବିଭୋର ହେଲେ ଶ୍ରୋତା

ରାଉରକେଲା,୧୭/୬(ନି/ପ୍ର): ସାଂସ୍କୃତିକ ଅନୁଷ୍ଠାନ 'ଉତ୍ତମ୍ ଗୀତ୍ ସଂଗୀତ୍' ଆନୁକୁଲ୍ୟରେ ଓଡ଼ିଶାର ମହାନ୍ ସଙ୍ଗୀତଜ୍ଞ ସ୍ୱର୍ଗତ ପ୍ରଫୁଲ୍ଲ କରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ଏକ ନିଆରା ସଂଗୀତ ସନ୍ଧ୍ୟା ରାଉରକେଲା କ୍ଲବ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ପହିଲି ରଜ ଅବସରରେ ‘ଅଦିନେ ମଲ୍ଲୀ ମହକ’ ଶୀର୍ଷକ ଏହି ସଙ୍ଗୀତ ସନ୍ଧ୍ୟା ରେ ରାଉରକେଲା ସ୍ମାର୍ଟ ସିଟି ର ସ୍ୱାଧୀନ ନିର୍ଦ୍ଦେଶିକା ଡଃ କଲ୍ୟାଣୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। କଳୁଙ୍ଗା ସ୍ଥିତ ଅନାମିକା ଏଟଂରପ୍ରାଇଜର ସଂସ୍ଥାପକ ଆଶୁତୋଷ ସାହୁ, ଉତମ୍ ଗୀତ୍ ସଂଗୀତ୍ର ପୃଷ୍ଠପୋଷକ ରବୀନ୍ଦ୍ର ବେହେରା, ନିରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସଙ୍ଗୀତ ସନ୍ଧ୍ୟା ଆରମ୍ଭ ହୋଇଥିଲା। କଣ୍ଠଶିଳ୍ପୀ ସର୍ବଶ୍ରୀ ଉତ୍ତମ କୁମାର ଖଟୁଆ, ପ୍ରଫୁଲ୍ଲ କୁମାର ମଙ୍ଗଳ, ସତ୍ୟବ୍ରତ ମହାନ୍ତି, ଶୈଳେନ୍ଦ୍ର କୁମାର ମିଶ୍ର,ସତ୍ୟବ୍ରତ ସାହୁ, ରଶ୍ମି ରଞ୍ଜନ ଦାସ, ସୁନିତା ବିଶ୍ୱାଳ, ସଙ୍ଗୀତା ପାତ୍ର ଙ୍କ ସଙ୍ଗୀତ ପରିବେଷଣ ବେଶ୍ ଉଚ୍ଚକୋଟୀର ହୋଇ ଥିଲା। ପ୍ରଫୁଲ୍ଲ କରଙ୍କ ରଚନା, ସ୍ୱର ସଂଯୋଜନା ଏବଂ କଣ୍ଠ ଦାନ ବିଭିନ୍ନ ତତ୍କାଳୀନ ଲୋକପ୍ରିୟ ଲଘୁ ସଙ୍ଗୀତ ଓ ଚଳଚ୍ଚିତ୍ର ସଙ୍ଗୀତ ର ସମନ୍ୱୟ କୁ ଶ୍ରୋତା ଗଣ ମନ୍ତ୍ରମୁଗ୍ଧ ହୋଇ ଉପଭୋଗ କରୁଥିବା ଦେଖା ଯାଇଥିଲା। ଶେଷ ଶ୍ରାବଣ, ସିନ୍ଦୂର ବିନ୍ଦୁ, ମା ଓ ମମତା ଆଦି ଚଳଚ୍ଚିତ୍ର ତଥା ପ୍ରଫୁଲ୍ଲ କରଙ୍କ ପ୍ରସିଦ୍ଧ ଲଘୁ ସଙ୍ଗୀତ ଗୁଡିକ ର ପରିବେଷଣ ବେଶ୍ ମନଛୁଆଁ ହୋଇଥିଲା। ରଶ୍ମି ରଞ୍ଜନ ଦାସଙ୍କ ମଚଂ ପରିଚାଳନା ରେ ଓଡ଼ିଆ କବିତା, ଗୀତି କବିତା ର ସମନ୍ୱୟ ରେ ଓଡ଼ିଆ ସଙ୍ଗୀତ ତତ୍କାଳୀନ ପୃଷ୍ଠଭୂମିର ବର୍ଣ୍ଣନା କୁ ଶ୍ରୋତା ମଣ୍ଡଳୀ ବିହ୍ୱଳ ହୋଇ ଉପଭୋଗ କରୁଥିବା ଦେଖା ଯାଇଥିଲା। ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥି ଗଣ ଏଭଳି ଏକ ନିଆରା ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରି ଥିବା ହେତୁ ଅନୁଷ୍ଠାନ ର ସଂସ୍ଥାପକ ବିଶିଷ୍ଟ କଣ୍ଠଶିଳ୍ପୀ ଉତମ କୁମାର ଖଟୁଆ ତଥା ଅନୁଷ୍ଠାନ ର ସଦସ୍ୟ ମାନଙ୍କ ର ଭୂରି ଭୂରି ପ୍ରସଂଶା କରି ଥିଲେ। ଶେଖର କମଲ କୁନୁ ଆର୍କେଷ୍ଟ୍ର ଏହି ସଙ୍ଗୀତ ସନ୍ଧ୍ୟା ରେ ବାଦ୍ୟ ଯନ୍ତ୍ର ପରିବେଷଣ କରିଥିଲେ। ପ୍ରଫୁଲ୍ଲ କର ଙ୍କ ରଚନା, ସ୍ୱର ସଂଯୋଜନା ଏବଂ କଣ୍ଠ ଦାନ ବିଭିନ୍ନ ତତ୍କାଳୀନ ଲୋକପ୍ରିୟ ଲଘୁ ସଙ୍ଗୀତ ଓ ଚଳଚ୍ଚିତ୍ର ସଙ୍ଗୀତ ର ସମନ୍ୱୟ କୁ ଶ୍ରୋତା ଗଣ ମନ୍ତ୍ରମୁଗ୍ଧ ହୋଇ ଉପଭୋଗ କରୁଥିବା ଦେଖା ଯାଇଥିଲା।

ଡକାୟତି ଯୋଜନା କରୁଥିବା ୫ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

ରାଉରକେଲା,୧୭/୬(ନି/ପ୍ର): ପ୍ଲାଂଟସାଇଟ୍ ଥାନା ପୋଲିସ ଏକ ବଡ଼ ଅପରାଧିକ ଷଡ଼ଯନ୍ତ୍ରକୁ ପଣ୍ଡ କରିବା ସହ ଡକାୟତି ପାଇଁ ଯୋଜନା କରୁଥିବା ୫ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିଛି। ଏହି ଘଟଣାରେ ପ୍ଲାଂଟସାଇଟ୍ ଥାନା କେସ୍ ନମ୍ବର-୬୧୮, ତାରିଖ ୧୬ ଜୁନ୍ ୨୦୨୬ ରେ ଭାରତୀୟ ନ୍ୟାୟ ସଂହିତା (ଇଘଝ) ର ଧାରା ୩୧୦(୪), ୩୧୦(୫) ଏବଂ ଆର୍ମସ୍ ଆକ୍ଟର ଧାରା ୨୫(୧)(ଇ) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଥାନା ଅଧିକାରୀ ବିଭସ୍ ପ୍ରଧାନ ପ୍ରେସ୍ ବିବୃତି ଜରିଆରେ ଏହି ସୂଚନା ସ୍ପଷ୍ଟ କରିଛନ୍ତି। ଥାନା ଅଧିକାରୀ ଶ୍ରୀ ପ୍ରଧାନଙ୍କ କହିବା ଅନୁଯାୟୀ, ଜୁନ୍ ୧୫ ଓ ୧୬ ତାରିଖ ବିଳମ୍ବିତ ରାତିରେ ସବ୍-ଇନ୍ସପେକ୍ଟର ଏସ୍. ବଲ୍ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଅଚଂଳରେ ପେଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଦୀପ୍ତି ହୋଟେଲ ନିକଟସ୍ଥ ଟିମ୍ବର କଲୋନୀ ଶୌଚାଳୟ ପଛପଟେ ଥିବା ଏକ ନିଛାଟିଆ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସେଠାରେ ୫ ଜଣ ଯୁବକ ତରବାରି, ଭୁଜାଲି ଏବଂ ଲୁହା ରଡ୍ ଭଳି ମାରଣାସ୍ତ୍ର ଧରି ଏକାଠି ହୋଇଥିଲେ ଏବଂ ବାଟୋଇ, ଆଖପାଖର ଘର, ଦୋକାନ ଓ ପେଟ୍ରୋଲ ପମ୍ପରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ପୋଲିସ ଘଟଣାସ୍ଥଳରୁ କୋୟଲ ବାଗ (୩୧), ଶେଖ୍ ଆୟୁବ (୩୨), ଅଜୟ ଯାଦବ (୩୦), ରୋହିତ ସିଂ (୨୩) ଏବଂ ରାଜା ଯାଦବ (୨୩)ଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ଲୁହା ତରବାରି, ଗୋଟିଏ ଭୁଜାଲି ଏବଂ ଦୁଇଟି ଲୁହା ରଡ୍ ଜବତ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କର ପୂର୍ବରୁ ଅପରାଧିକ ପୃଷ୍ଠଭୂମି ରହିଛି। ସେମାନଙ୍କ ବିରୋଧରେ ହତ୍ୟା, ଲୁଟ୍, ଡକାୟତି, ଚୋରି, ମାଡ଼ପିଟ୍, ଆର୍ମସ୍ ଆକ୍ଟ, ଏନଡିପିଏସ ଆକ୍ଟ ଏବଂ ଅନ୍ୟାନ୍ୟ ସଙ୍ଗୀନ ଧାରାରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସର ତତ୍ପରତା

ରଜ ଉତ୍ସବ ଅବସରରେ ସେଲ୍, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ମୌସୁମୀକୁ ସ୍ୱାଗତ ଜଣାଇ ନୃତ୍ୟ ଓ ସଙ୍ଗୀତର ସନ୍ଧ୍ୟା ‘ମେଘ ମଲ୍ଲାର’ ଆୟୋଜିତ

ରାଉରକେଲା,୧୭/୬(ନି/ପ୍ର): ଓଡ଼ିଶାର ଶତାବ୍ଦୀ ପ୍ରାଚୀନ ସଂସ୍କୃତି ଓ ପରମ୍ପରା ଆମକୁ ଧରିତ୍ରୀ ମା' ଏବଂ ନାରୀଶକ୍ତିକୁ ସମ୍ମାନ ଦେବା ଶିଖାଇଥାଏ, - ଶ୍ରୀ ଆଲୋକ ବର୍ମା, ଭାରପ୍ରାପ୍ତ ନିର୍ଦ୍ଦେଶକ, ଆର.ଏସ.ପି. ଲୋକପ୍ରିୟ ଗଣ ପବ ରଜ ଉତ୍ସବ ଅବସରରେ ମୌସୁମୀର ଆଗମନକୁ ସ୍ୱାଗତ ଜଣାଇ ସେଲ୍, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଜୁନ୍ ୧୫ ତାରିଖ ଦିନ ରାଉରକେଲା ସିଭିକ୍ ସେଟଂରଠାରେ ଏକ ନୃତ୍ୟ ଓ ସଙ୍ଗୀତଭିତ୍ତିକ ସନ୍ଧ୍ୟା ‘ମେଘ ମଲ୍ଲାର’ର ଆୟୋଜନ କରାଯାଇଥିଲା। ଆର.ଏସ.ପି. ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଦୀପିକା ମହିଳା ସଂହତି ର ସଭାନେତ୍ରୀ ଶ୍ରୀମତୀ ନମ୍ରତା ବର୍ମା, ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (ଖଣି ବିକାଶ - ସିଏମଏଲଓ) ଶ୍ରୀ ବି କେ ଗିରି, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଶ୍ରୀ ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ଖଣି, ଓଜିଓଏମ, ସିଏମଏଲଓ) ଶ୍ରୀ ଏମ ପି ସିଂ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀ ସୁଦୀପ ପାଲ ଚୌଧୁରୀ, ଡିଏମଏସର ସମସ୍ତ ଉପସଭାନେତ୍ରୀ ଯଥା ଶ୍ରୀମତୀ ପ୍ରଭାତୀ ମିଶ୍ର, ଶ୍ରୀମତୀ ସ୍ମିତା ଗିରି, ଶ୍ରୀମତୀ ପ୍ରତିଜ୍ଞା ପଲାଇ, ଶ୍ରୀମତୀ ବନ୍ଦନା ସିଂ, ଶ୍ରୀମତୀ ରୀତା ରାନୀ ଓ ଶ୍ରୀମତୀ ନବନୀତା ପାଲଚୌଧୁରୀ, ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା) ଡାକ୍ତର ଜୟନ୍ତ ଆଚାର୍ଯ୍ୟଙ୍କ ସମେତ କାରଖାନାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ସେମାନଙ୍କ ଧର୍ମପତ୍ନୀ, ବିଭିନ୍ନ ସାମାଜିକ-ସାଂସ୍କୃତିକ ସଂଗଠନର ସଦସ୍ୟ ଏବଂ ଅନେକ ସଂସ୍କୃତି ପ୍ରେମୀ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ନିର୍ଦ୍ଦେଶକ ଅନ୍ୟ ସମସ୍ତ ସମ୍ମାନିତ ଅତିଥିଙ୍କ ସହ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ନିଜର ଅଭିଭାଷଣରେ ଶ୍ରୀ ବର୍ମା ରଜ ପର୍ବ ପୃଷ୍ଠଭୂମି ରେ ଥିବା ସ୍ୱତନ୍ତ୍ର ଚିନ୍ତାଧାରା ଉପରେ ଆଲୋକପାତ କରି କହିଥିଲେ,ଓଡ଼ିଶାର ଶତାବ୍ଦୀ ପ୍ରାଚୀନ ରୀତିନୀତି ଓ ପରମ୍ପରା ଆମକୁ ଧରିତ୍ରୀ ମା' ଏବଂ ନାରୀଶକ୍ତିକୁ ସମ୍ମାନ ଦେବା ଶିଖାଇଥାଏ, କାରଣ ସେମାନେ ହେଉଛନ୍ତି ସୃଷ୍ଟିର ମୂଳ ଆଧାର। ଏହି ମାଟିର ଜନସାଧାରଣ ଙ୍କ ଉନ୍ନତ ତଥା ବୈଜ୍ଞାନିକ ଚିନ୍ତାଧାରା ପ୍ରକୃତରେ ଅତୁଳନୀୟ । ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରସାର ଏବଂ ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଆର.ଏସ.ପି. ର ପ୍ରତିବଦ୍ଧତାକୁ ସେ ଦୋହରାଇଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସାଗର ରିଦମର କଳାକାରମାନଙ୍କ ଦ୍ୱାରା ରଜ ପର୍ବର ଆଭିମୁଖ୍ୟକୁ ନେଇ ଏକ ଆକର୍ଷଣୀୟ ନୃତ୍ୟ-ନାଟିକା ପରିବେଷଣ କରାଯାଇଥିବା ବେଳେ,ଶ୍ରୀ ଜଗନ୍ନାଥ କଳା ପରିଷଦର କଳାକାରମାନଙ୍କ ଦ୍ୱାରା ରଜର ଆନନ୍ଦ ଓ ଉତ୍ସବକୁ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଥିଲା। ଓଡ଼ିଶାର କୃଷିଭିତ୍ତିକ ସମାଜରେ ରଜର ଗୁରୁତ୍ୱକୁ ଦର୍ଶାଉଥିବା ନେକ୍ସଟ୍ ଜେନ୍ର କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ଲୋକନୃତ୍ୟ ଓ ସମସାମୟିକ ନୃତ୍ୟ ପ୍ରଦର୍ଶନ ଏବଂ ସାଗର ରିଦମ ଦ୍ୱାରା ‘ବର୍ଷା’ ବିଷୟବସ୍ତୁ ଉପରେ ଆଧାରିତ ନୃତ୍ୟର ସମିଶ୍ରଣ ଏହି ସନ୍ଧ୍ୟାର ଅନ୍ୟ ଦୁଇଟି ପ୍ରମୁଖ ଆକର୍ଷଣ ଥିଲା। ଯୁବ କଳାକାରମାନଙ୍କ ଦ୍ୱାରା ଉପସ୍ଥାପିତ ମନୋମୁଗ୍ଧକର ପ୍ରଦର୍ଶନକୁ ପ୍ରଶଂସା କରି ଏହି ଅବସରରେ ଶ୍ରୀ ଆଲୋକ ବର୍ମା ସେମାନଙ୍କ ପ୍ରତିଭା ଏବଂ ସାଂସ୍କୃତିକ ଶ୍ରେଷ୍ଠତାର ସ୍ୱୀକୃତି ସ୍ୱରୂପ ପ୍ରତ୍ୟେକ ଦଳ ପାଇଁ ୩,୦୦୦ ଟଙ୍କାର ନଗଦ ପୁରସ୍କାର ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପ-ପ୍ରବନ୍ଧକ (ଏସଏମଏସ-୨) ଶ୍ରୀ ଶଶାଙ୍କ ଶେଖର ପଟ୍ଟନାୟକ ଏବଂ ପ୍ରୋଟୋକଲ୍ ଆଣ୍ଡ ହସ୍ପିଟାଲିଟି ବିଭାଗର ସୁଶ୍ରୀ ମଧୁସ୍ମିତା ମିଶ୍ର ସଚାଂଳନ କରିଥିଲେ। ଆର.ଏସ.ପି. ର ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।